

# କଟକ ସିଟି







## ଜାଗା ମିଶନ କାର୍ଯ୍ୟକ୍ରମ
# ସାଢ଼େ ୩ହଜାର ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର

କଟକ, ୨୯ ।୨(ସମିସ):

କଟକ ମହାନଗର ନିଗମ ଅଞ୍ଚଳରେ ଆଜି ସାଢ଼େ ୩ହଜାର ହିତାଧିକାରୀ ଭୂମି ଅଧିକାର ପ୍ରମାଣପତ୍ର ପାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ଜରିଆରେ ୫-ଟି ଉପକ୍ରମରେ ଥିବା ଏହି ଜମି ଅଧିକାର ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ କଟକ, ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲାର ବସ୍ତିବାସିନ୍ଦାଙ୍କ ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ତଳବାଲିଯାତ୍ରା ପଡ଼ିଆରେ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ସ୍ୱଚ୍ଛ କଟକ ୨.୦ର ଶୁଭାରମ୍ଭ ମଧ୍ୟ କରାଯାଇଥିଲା।



କଟକ ସହରରେ ଜାଗା ମିଶନ୍ ଅଧିନରେ ୧୧୬ଟି ବସ୍ତି ବିଜୁ ଆଦର୍ଶ କଲୋନୀରେ ରୁପାନ୍ତରିତ କରାଯାଇଛି। ଯେଉଁଥିରେ ୨୧ ହଜାରରୁ ଅଧିକ ପରିବାରକୁ ମୌଳିକ ସୁବିଧା ଯୋଗାଇ ଦିଆଯାଇଛି। ଏହାଦ୍ୱାରା ବସ୍ତିବାସିନ୍ଦା ସଶକ୍ତ ହେବା ସହିତ ସହର ମଧ୍ୟ ସରସ ସୁନ୍ଦର ହୋଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ସହରରେ ସଫେଇ ବ୍ୟବସ୍ଥା ଆହୁରି କଡ଼ାକଡ଼ି କରାଯିବ। ନିଗମର ଅଧିକାରୀମାନେ ସ୍ୱଚ୍ଛତାକୁ ଅନୁଧ୍ୟାନ କରିବେ। ଲୋକଙ୍କୁ ବ୍ୟାପକ ସଚେତନ କରାଯିବ। ସହରରେ ଆବର୍ଜନା ଯେଉଁଭଳି ରାସ୍ତାକଡ଼ରେ ନ ପଡ଼ିବ ଓ ଠିକ ସମୟରେ ନିଗମ ପକ୍ଷରୁ ସଫେଇ ହେବ ସେଥିପାଇଁ ସ୍ୱଚ୍ଛତା ୨.୦ ଜରିଆରେ ପଦକ୍ଷେପ ନିଆଯିବ ବୋଲି ମେୟର ଶ୍ରୀ ସିଂହ ସୂଚନା ଦେଇଥିଲେ। ବୈଠକରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ଜାଗା ମିଶନର ଉପଦେଷ୍ଟା ହରି ଶଙ୍କର ରାଉତ, ଡେପୁଟି ମେୟର ଦମୟନ୍ତୀ ମାଝୀ, ବିଧାୟକ ସୌଭିକ ବିଶ୍ୱାଳ, ଜିଲାପାଳ ବୀନିତ ଭରଦ୍ୱାଜ, ସିଏମସି କମିସନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, ସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ ପ୍ରମୁଖ ଯୋଗ ଦେଇ ଭୂମି ପ୍ରମାଣପତ୍ର ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ୪ଟି ମହାନଗର ନିଗମର ୨୧, ୪୨୭ ପରିବାରକୁ ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଭୂମି ପ୍ରମାଣପତ୍ର ପାଇବା ପରେ ବହୁ ବସ୍ତିବାସୀନ୍ଦା ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ।



# ନାବାଳିକାଙ୍କୁ ଦୁର୍ଷ୍କର୍ମ; ଜଣେ ଗିରଫ

କଟକ, ୨୯ ।୨(ସମିସ): ଜଗତପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁର୍ଷ୍କର୍ମ କରିବା ଅଭିଯୋଗରେ ଜଣେ ବୟସ୍କ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ଜଗତପୁର ତାଳବଣିଆ ମୁଣ୍ଡାସାହିରେ ରହୁଥିବା ପଶ୍ଚିମବଙ୍ଗ ମେଦିନିପୁରର ଦାଦୁ ଓରଫ୍ ବିରେନ୍ଦ୍ର ସାମନ୍ତ(୫୬) ।ଆଜି ତାକୁ କୋର୍ଟ ଚାଲାଣ ପରେ ଜେଲ୍ ପଠାଇ ଦିଆଯାଇଛି।

ପୁଲିସ ସୂଚନା ଅନୁସାରେ, ଜଗତପୁର ଗୋଲେଇ ଛକ ନିକଟ ଅଞ୍ଚଳରେ ଜଣେ ମହିଳା ଏକ କୁଡିଆରେ ନିଜର ୧୩ ବର୍ଷୀୟ ଝିଅ ସହିତ ରହୁଥିଲେ। ଗତ କିଛି ମାସ ତଳେ ଉକ୍ତ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଉକ୍ତ ତାଙ୍କ ନାବାଳିକା ଝିଅ ଘରେ ଏକୁଟିଆ ରହୁଥିଲେ। ତେବେ ଗତ ୧୦ ତାରିଖରେ ଏକ ସଂଗୀନ ଅଭିଯୋଗ ପାଇ ଜିଲ୍ଲା ଶିଶୁ ମଙ୍ଗଳ ଟିମ ଉକ୍ତ ଠିକଣାରେ ଚଢଉ କରିଥିଲା। ସେଠାରୁ ନାବାଳିକାକୁ ଉଦ୍ଧାର କରି ବସୁନ୍ଧରା ମୁକ୍ତାଶ୍ରମରେ ଥଇଥାନ କରାଯାଇଥିଲା। ପରେ ଡାକ୍ତରୀ ମାଇନା କରାଯିବାରୁ ନାବାଳିକା ଜଣକ ଅନ୍ତଃସତ୍ତ୍ୱା ଥିବା ଜଣାପଡ଼ିଥିଲା। ଏନେଇ କାଉନସେଲିଂ ପରେ ନାବାଳିକା ଜଣକ ସମ୍ପୂର୍ଣ୍ଣ ଘଟଣା ବିଷୟରେ କହିଥିଲେ। ବସୁନ୍ଧରା ପକ୍ଷରୁ ଜଗତପୁର ଥାନାରେ ଏ ସଂକ୍ରାନ୍ତରେ ଏତଲା ଦିଆଯାଇଥିଲା। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତ ବିରେନ୍ଦ୍ରକୁ ଗିରଫ କରିଛି। ପୂର୍ବରୁ ଅଭିଯୁକ୍ତ ବିରେନ୍ଦ୍ର ପୀଡିତାର ପରିବାର ସହିତ ପରିଚିତ ଥିଲା। ପୀଡିତାର ମାଆଙ୍କ ମୃତ୍ୟୁ ପରେ ବିରେନ୍ଦ୍ର ଭଲମନ୍ଦ ବୁଝିବା ଆଳରେ ତାଙ୍କ ଘରକୁ ଆସିଥିଲା। ଆଉ ଏହି ସୁଯୋଗରେ ସେ ପୀଡିତାକୁ ଭୟଭୀତ କରାଇ ବଳାତ୍କାର କରିଥିଲା। ଏହି ଘଟଣାରେ ପୁଲିସ ପୀଡିତାର ଡାକ୍ତରୀ ମାଇନା ସହିତ କୋର୍ଟରେ ବୟାନ ରେକର୍ଡ କରାଇଛି। ତେବେ ପୀଡିତା ଏକୁଟିଆ ଥିବାରୁ ତାଙ୍କୁ ବସୁନ୍ଧରାରେ ଥଇଥାନ କରାଯାଇଛି ବୋଲି ସୂଚନା ଦିଆଯାଇଛି।

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ୨ନଂ କ୍ୟାମ୍ପସରେ ହେବାକୁ ଥିବା ଭୋଟ ଗଣତି କେନ୍ଦ୍ରର ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ ଓ ବରିଷ୍ଠ ଅଧିକାରୀ
(ଫଟୋ - ବିକାଶ)



# ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



କଟକ, ୨୯ ।୨(ସମିସ): ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ଡ. ଦୀପା ନାଗଙ୍କ ସଭାପତିତ୍ୱରେ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ଅପର୍ଣ୍ଣା ଦତ୍ତ ଓ ହିନ୍ଦୀ ବିଭାଗର ମୁଖ୍ୟ ଡକ୍ଟର ଜିତେନ୍ଦ୍ର କୁମାର ସିହ୍ନାଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ସମରେନ୍ଦ୍ର ପ୍ରାମାଣିକ ଯୋଗଦେଇ ଉଭୟଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଡ. ଆକାଶ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଅବନୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। କ୍ୟାପଟେନ ଅକ୍ଷୟ ଦାଶ ଉକ୍ତ ସଭାକୁ ପରିଚାଳନା କରିଥିଲେ। ଡ. ସନ୍ଧ୍ୟା ସାୟନ୍ତିନି ମହାନ୍ତି, ସସ୍ମିତା ପଟ୍ଟନାୟକ, ସପନଜିତ୍ ରାଉତ, ଯାବେଶ ଘଣ୍ଟ, ଅମରନାଥ ସାହୁ, ପ୍ରଶାନ୍ତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# କର୍କଟ ରୋଗ ପ୍ରତିଷ୍ଠାନର ନବକଳେବର

## ମାର୍ଚ୍ଚ ୨ରେ ହେବ ଶିଳାନ୍ୟାସ

କଟକ, ୨୯ ।୨(ସମିସ): ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ(ଏଏଚ୍‌ପିଜିଆଇସି)କୁ ନୂଆ ରୂପ ଦିଆଯିବ। କର୍କଟ କେନ୍ଦ୍ରର ବେଡ୍ ସଂଖ୍ୟା ୧ ହଜାରକୁ ବୃଦ୍ଧି କରିବା, ଆଇସିୟୁ ସଂଖ୍ୟା ୯୦ ଓ କ୍ୟାବିନ୍ ସଂଖ୍ୟା ୫୦କୁ ବୃଦ୍ଧି କରିବା ଯୋଜନା ରହିଛି। ଏହାର ସମ୍ପ୍ରସାରଣ କାର୍ଯ୍ୟକୁ ମାର୍ଚ୍ଚ ୨ ତାରିଖ ଦିନ ସାଢେ ୧୧ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ୯୦୦ଶହ କୋଟି ଟଙ୍କାର ଏହି ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏହି ଅବସରରେ ୩ହଜାର ଜନସାଧାରଣ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥି ନିମନ୍ତେ ଆଜି ଜିଲ୍ଲାପାଳ ବିନିତ୍ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଉପଜିଲ୍ଲାପାଳ କମଳଜିତ୍ ଦାସ, କର୍କଟ କେନ୍ଦ୍ରର ପ୍ରଶାସନିକ ଅଧିକାରୀ ପ୍ରତିଭା ପୃଷ୍ଟିଙ୍କ ସମେତ ଜିଲ୍ଲାସ୍ତରୀୟ ଓ କର୍କଟ କେନ୍ଦ୍ରର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ୧୫ ମହଲା ଟାୱାରରେ ବେସ୍‌ମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର ସହ ଆହାର କେନ୍ଦ୍ର, ଅଡିଟୋରିୟମ୍ ଇତ୍ୟାଦି ରହିବ। ଏହାର ନିର୍ମାଣ କାର୍ଯ୍ୟ ଓବିସିସିକୁ ଦିଆଯାଇଛି।

# ଲୁଟ୍ ଘଟଣା: ବଞ୍ଜାରା ଗ୍ରୁପ୍‌ର ୩ ଗିରଫ

କଟକ, ୨୯ ।୨(ସମିସ): ମଧୁପାଟଣା ଥାନା ଅଞ୍ଚଳରେ ଭିକ୍ଷା ମାଗିବା ଆଳରେ ଘରେ ପଶି ଲୁଟ୍‌ପାଟ୍ କରୁଥିବା ଏକ ବଞ୍ଜାରା ଗ୍ୟାଙ୍ଗ୍‌କୁ ଆଜି ପୁଲିସ ଠାବ କରିଛି। ଏହି ଗ୍ୟାଙ୍ଗର ଜଣେ ମହିଳା ଗିରଫ ହୋଇଥିବା ବେଳେ ଅନ୍ୟ ୨ ନାବାଳିକାଙ୍କୁ ବସୁନ୍ଧରାରେ ଛଡ଼ାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବିହାର ପାଟ୍‌ନାର ଚମେଲି ଶବର। ଅଭିଯୁକ୍ତଠାରୁ ୩ ହଜାର ଟଙ୍କା ଓ ହାତ ଘଣ୍ଟା ଜବତ ହୋଇଛି। କୋର୍ଟ ଚାଲାଣ ପରେ ଅଭିଯୁକ୍ତକୁ ଚୌଦ୍ୱାର ଜେଲ୍ ପଠାଇବ ଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ରାଜେନ୍ଦ୍ରନଗରରେ ସରୋଜ ନିଳିନୀ ପଣ୍ଡା ୨ମହାଲା କୋଠାରେ ରହୁଛନ୍ତି। ସେ ଆଜି ସକାଳେ ଉପର ମହଲାରେ ଥିବା ରୋଷେଇ ଘରେ ରାନ୍ଧୁଥିବା ବେଳେ ତଳ ଘରର ମୁଖ୍ୟ କବାଟ ତାଲା ପକାଇନଥିଲେ। ଶ୍ରୀମତୀ ପଣ୍ଡା ତଳ ମହଲାରେ ନଥିବାର ସୁଯୋଗ ନେଇ ଅଭିଯୁକ୍ତ ଚମେଲି ଶବର ଘର ଭିତରେ ପଶି ଏକ ଆଲମିରା ଖୋଲି ୧୦ ହଜାର ଟଙ୍କା ଓ ଗୋଟିଏ ଗୋଲ୍ଡ ଚେନ୍ ଲାଗିଥିବା ହାତଘଣ୍ଟା ଚୋରି କରି ନେଇଥିଲେ। ତେବେ ଚୋରି କରି ବାହାରିବା ବେଳେ ହଠାତ୍ ଶ୍ରୀମତୀ ପଣ୍ଡା ତଳକୁ ଓହ୍ଲାଇ ଆସିବାରୁ ସେ ଅଭିଯୁକ୍ତ ଚମେଲି ଓ ତାର ସହିତ ଥିବା ୨ ନାବାଳିକାଙ୍କୁ ଦେଖିନେଇ ଚିତ୍କାର କରିଥିଲେ। ତେଣୁ ୩ ଅଭିଯୁକ୍ତ ସେଠାରୁ ଫେରାର୍ ହୋଇଯାଇଥିଲେ। ଏହା ମଧ୍ୟରେ ଶ୍ରୀମତୀ ପଣ୍ଡା ମଧୁପାଟଣା ଥାନା ପୁଲିସକୁ ଫୋନ୍‌ରେ ଜଣାଇଥିଲେ। ଏହାପରେ ପୁଲିସ ସ୍ଥାନୀୟ ଅଞ୍ଚଳରେ ଚଢ଼ଉ କରିଥିଲା। ଅଭିଯୁକ୍ତ ଚମେଲି ଓ ୨ ନାବାଳିକା ପ୍ରେସ୍‌ଛକ ପାଖରେ ପୁଲିସ ହାତରେ ଧରାପଡ଼ିଥିଲେ। ପୁଲିସ ଯାଞ୍ଚ କରିବାରୁ ସେମାନଙ୍କ ପାଖରୁ ୩ ହଜାର ଟଙ୍କା ଓ ଘଣ୍ଟା ମିଳିଥିଲା। ଏହି ଅଭିଯୋଗରେ ଚମେଲିକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବା ସହିତ ୨ ନାବାଳିକା ଅର୍ଥାତ୍ ଚମେଲିର ଜଣେ ଝିଅ ଓ ଜଣେ ଭଉଣୀକୁ ସିଡବ୍ଲୁସିରେ ହାଜର କରାଯାଇ ବସୁନ୍ଧରାରେ ଛଡ଼ାଯାଇଛି। ତେବେ ଅଭିଯୁକ୍ତ ଓ ତାର ୨ ସହଯୋଗୀ ଝାଞ୍ଜିରୀମଙ୍ଗଳା ଅଞ୍ଚଳରୁ ମଧ୍ୟ କିଛି ଦିନ ପୂର୍ବେ ଚୋରି କରିଥିବା ଜଣାପଡ଼ିଛି। ଅନ୍ୟପଟେ ଗତ ମାସେ ତଳେ ମଧୁପାଟଣା ଥାନା ପୁଲିସ କଲ୍ୟାଣୀନଗର ଅଞ୍ଚଳରୁ ଏଭଳି ଢଙ୍ଗରେ ଚୋରି କରିବା ଘଟଣାରେ ଜଣେ ବଞ୍ଜାରା ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ୩୩ନଂ ୱାର୍ଡରେ ବିଧାୟକଙ୍କ ଜନସମ୍ପର୍କ ଯାତ୍ରା



କଟକ, ୨୯ ।୨(ସମିସ): ଆଜି ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ କଟକ ମହାନଗର ନିଗମ ୩୩ନଂ ୱାର୍ଡ ଜନସମ୍ପର୍କ ଯାତ୍ରାରେ ଅଞ୍ଚଳର ରାସ୍ତାଘାଟ, ପରିମଳ ବ୍ୟବସ୍ଥା ପଚାରି ବୁଝିଥିଲେ। ସ୍ଥାନୀୟ ଅଞ୍ଚଳର ମୁରବୀ ଓ ବରିଷ୍ଠ ନାଗରିକମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରିଥିଲେ। ଏହି ଅବସରରେ ୱାର୍ଡ ଅଞ୍ଚଳରେ ବିଧାୟକ ପାଣ୍ଠିରୁ ଚାଲୁଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟକୁ ତଦାରଖ କରିଥିଲେ। ରବୀନ୍ଦ୍ର ସାହୁ, ଦିଲ୍ଲୀପ ମହାନ୍ତି, ମହମ୍ମଦ ନସିମ, ପୁଷ୍ପଲତା ସାମଲ, କୁନି ପଣ୍ଡା, କାଳନ୍ଦୀ ଚରଣ ମହାରଣା, ରୂପକ ରଞ୍ଜନ ପାତ୍ର, ବିଭୂତି ମହାନ୍ତି, ସୁନୀଲ ସାମଲ, ପ୍ରଭାତ ଜେନା, ବିଜୟ ଶତପଥି, କାହ୍ନୁ ମହାପାତ୍ର, ଏମଡି ମୁକିମ, ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ୩୧ବର୍ଷ ପରେ ମଧ୍ୟ ଟ୍ରାଏଲ୍ ଆରମ୍ଭ ହେଲାନି

# ଜେଇଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରଦ୍ଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୯।୨(ସମିସ):

ସରକାରୀ ଅର୍ଥ ଆତ୍ମସାତ ନେଇ ୩୧ ବର୍ଷ ହେବ ଭିଜିଲାନ୍ସ ମାମଲା ଚାଲିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହାର ଟ୍ରାଏଲ ଆରମ୍ଭ ହୋଇନାହିଁ। ଏଭଳି ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ଏଥି ସହିତ ରଘୁନାଥପୁର ବ୍ଲକର ପୂର୍ବତନ କନିଷ୍ଠ ଯନ୍ତ୍ରୀ (ଜେଇ) ନନ୍ଦକିଶୋର ପାଲଙ୍କ ବିରୋଧରେ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ବିଚାରାଧୀନ ଥିବା ମାମଲାକୁ ରଦ୍ଦ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ୨୦୧୪, ଅଗଷ୍ଟ ୧୮ରେ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଆଇପିସିର ବିଭିନ୍ନ ଦଫାରେ ରହିଥିବା ଅଭିଯୋଗରୁ ଆବେଦନକାରୀଙ୍କୁ ଦୋଷମୁକ୍ତ କରିବାକୁ ଜଷ୍ଟିସ ଗୌରୀଶଙ୍କର ଶତପଥୀ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ରଘୁନାଥପୁର ବ୍ଲକରେ ୧୫୦ଟି ସାଲୋପଏଣ୍ଟ ଟ୍ୟୁବୱେଲ (ଏସପିଟିଡବ୍ଲୁ) ବସିବା ପାଇଁ ସରକାରୀ ମଞ୍ଜୁରୀ ମିଳିଥିଲା। ହିତାଧିକାରୀଙ୍କ ୩୩ଟି ଏସପିଟିଡବ୍ଲୁ ବସା ଯାଇଥିଲା ବେଳେ ଅବଶିଷ୍ଟ ୪୯ଟି ଏସପିଟିଡବ୍ଲୁ କିନ୍ତୁ ବସା ଯାଇ ନ ଥିବା ତଦନ୍ତରୁ ଜଣାପଡ଼ିଥିଲା। ଜାଲ କାଗଜପତ୍ର କରି ଏ ବାବଦ ଅର୍ଥ ହଡପ କରାଯାଇଥିଲା। ୧୯୯୩, ଫେବ୍ରୁଆରି ୨ରେ ୮ଜଣ ସରକାରୀ କର୍ମଚାରୀଙ୍କ ବିରୋଧରେ କଟକ ଭିଜିଲାନ୍ସ ଥାନା ଏତଲା ରୁଜୁ ପରେ ଆବେଦନକରୀଙ୍କ ସମେତ ୫୬ଜଣଙ୍କ ନାଁରେ ଅଦାଲତରେ ୧୯୯୭, ଜୁଲାଇ ୨୪ରେ ଚାର୍ଜସିଟ ଦାଖଲ ହୋଇଥିଲା। ଆବେଦନକାରୀଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୨), ୧୩(୧) (ସି) (ଡି), ଆଇପିସିର ଦଫା ୪୦୯, ୪୨୦, ୪୬୮, ୪୭୧, ୪୭୭(କ), ୩୪ରେ ଚାର୍ଜସିଟ ଦାଖଲ ହୋଇଥିଲା। ମାମଲାରୁ ଦୋଷମୁକ୍ତ କରିବା ପାଇଁ ସେ ଏକ ଡିସଚାର୍ଜ ପିଟିସନ ଦାଖଲ କରିଥିଲେ। ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରାରୁ ଆବେଦନକାରୀଙ୍କୁ ଦୋଷମୁକ୍ତ କରିବାକୁ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଆଇପିସିର ବିଭିନ୍ନ ଦଫାରେ ଚାର୍ଜଫ୍ରେମ ପାଇଁ ଭିଜିଲାନ୍ସ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ୨୦୧୪, ଅଗଷ୍ଟ ୮ର ଏହି ନିର୍ଦ୍ଦେଶ ବିରୋଧରେ ୨୦୧୪ରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।







## ଏମ୍‌ଏସ୍‌ଡବ୍ଲ୍ୟୁସି-୧ ଡ୍ରେନ୍ 'ବକ୍ସ ଡ୍ରେନ୍'ରେ ରୂପାନ୍ତରିତ

# କଟକବାସୀଙ୍କ ଜୀବନରେଖା ପାଲଟିବ 'ବକ୍ସ ଡ୍ରେନ୍'




## ବକ୍ସ ଡ୍ରେନ୍ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

"ବର୍ଷା ଦିନେ ଜଳବନ୍ଦୀ ସମସ୍ୟାରୁ କଟକବାସୀଙ୍କୁ ମୁକ୍ତି ମିଳିଛି । ଏମ୍‌ଏସ୍‌ଡବ୍ଲ୍ୟୁସି-୧ ମେନ୍‌ଡ୍ରେନ୍ ରୂପାନ୍ତରିତ ହୋଇ ଅତ୍ୟାଧୁନିକ ବକ୍ସ ଡ୍ରେନ୍‌ରେ ପରିଣତ କରାଯାଇଛି । ବକ୍ସିବଜାର ଉର୍ଦ୍ଦୁ ଲାଇବ୍ରେରୀ ଠାରୁ ମାତୃଭବନ ପର୍ଯ୍ୟନ୍ତ ନିର୍ମାଣ କରାଯାଉ ଥିବା ବେଳେ ଆଜି ପଟାପୋଲଠାରୁ ପ୍ରଫେସରପଡ଼ା ପର୍ଯ୍ୟନ୍ତ ଏହି ବକ୍ସ ଡ୍ରେନ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି । ଏଥିପାଇଁ ୪୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୧୧ କିମି ବ୍ୟାପି ଏହି ଡ୍ରେନ୍‌ରୁ କେବଳ ବକ୍ସ ଡ୍ରେନ୍ ପ୍ରାୟ ୩କିମି ରହିଛି । ତେବେ ଏହାର ନିର୍ମାଣ ଶୈଳୀ, ସୌନ୍ଦର୍ଯ୍ୟକରଣ ଓ ରାସ୍ତା ନିର୍ମାଣକୁ ଦେଖିଲେ ଏହା କଟକ ସହରର ଡ୍ରେନ୍ ଭଳି ଅନୁଭବ ହେଉ ନାହିଁ । ବରଂ ଏହା ୟୁକେ କିମ୍ବା ୟୁଏସ୍‌ଏରେ ଅବସ୍ଥିତ କୌଣସି ମେଟ୍ରୋ ସିଟି ଡ୍ରେନ୍ ଓ ରାସ୍ତାର ଭ୍ରମ ସୃଷ୍ଟି କରୁଛି । ଏହି ବକ୍ସ ଡ୍ରେନ୍ ଉପରେ ଅତ୍ୟାଧୁନିକ ରାସ୍ତା ଓ ଫୁଟ୍‌ପାଥ୍ ନିର୍ମାଣ ହେବା ପରେ ଏହା ବଦଳାଇ ଦେଇଛି କଟକ ସହରର ଚିତ୍ର । ଜାତୀୟ ରାଜପଥରୁ ବକ୍ସିବଜାର ଯୋଡୁଥିବା ଏହି ବକ୍ସିଡ୍ରେନ୍ କଟକବାସୀଙ୍କ ଜୀବନରେଖା ପାଲଟିବ ବୋଲି କୁହାଯାଉଛି"

କଟକ, ୨୯ ।୨(ସମିସ)

କଟକବାସୀଙ୍କୁ ଜଳବନ୍ଦୀ ସମସ୍ୟାରୁ ମୁକ୍ତି ମିଳିଛି । ଦୀର୍ଘ ୧୦ବର୍ଷ ଅପେକ୍ଷାର ଆଜି ଅନ୍ତ ଘଟିଛି । ଜାଇକା ଯନ୍ତ୍ରଣାରେ ଛଟପଟ ହେଉଥିବା ସହରବାସୀ ଆଶ୍ୱସ୍ତି ଲାଭ କରିଛନ୍ତି । ଏହି ଅବସରରେ ପ୍ରଫେସରପଡ଼ା ନିକଟରେ ଅନୁଷ୍ଠିତ ହୋଇଥିବା ଲୋକାର୍ପଣ ଉତ୍ସବରେ କଟକ ସହରର ଯୋଗ ଦେଇଥିବା ସମସ୍ତ ଜନପ୍ରତିନିଧିମାନେ ଏକ ସ୍ୱରରେ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଥିଲେ । ଜାଇକା ପ୍ରକଳ୍ପରେ ରହିଥିବା ଏହି ବକ୍ସଡ୍ରେନ୍ ନିର୍ମାଣ ସମୟରେ ସହରବାସୀ ଅନେକ ଯନ୍ତ୍ରଣା ଭୋଗିଛନ୍ତି । ନିର୍ମାଣ ସମୟର ସମସ୍ୟାକୁ ମୁକାବିଲା କରି ଆସିଥିବା ସହରବାସୀ ଆଜିଠାରୁ ଶାନ୍ତିରେ ବକ୍ସଡ୍ରେନ୍ ଉପରେ ଯାତାୟତ କରିବେ ବୋଲି ମଞ୍ଚରେ ଥିବା ଅତିଥିମାନେ କହିଥିଲେ । ଏହି ରୂପାନ୍ତରଣ କାର୍ଯ୍ୟର ମୁଖ୍ୟ କର୍ଣ୍ଣଧାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ୍ ପାଣ୍ଡିଆନ୍‌ଙ୍କୁ ଉପସ୍ଥିତ କଟକବାସୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ଲୋକସେବା ଭବନରୁ ଅନ୍ୟାନ୍ୟ କେତେକ ପ୍ରକଳ୍ପ ସହ ଗୌପ୍ୟନଗରୀର ବହୁ ପ୍ରତୀକ୍ଷିତ ବକ୍ସଡ୍ରେନ୍‌କୁ ଆଜି ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପ୍ରଫେସରପଡ଼ା ନିକଟରେ ଆୟୋଜିତ ଲୋକାର୍ପଣ ସଭାରେ ରାଜ୍ୟସଭା ଏମ୍‌ପି ଦେବାଶିଷ ସାମନ୍ତରାୟ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝୀ, ସିଡିଏ ଅଧ୍ୟକ୍ଷ ଅନୀଲ ସାମଲ, ଆରଡିସି ରଞ୍ଜନ କୁମାର ଦାସ, ଜିଲ୍ଲାପାଳ ବିନୀତ ଭରଦ୍ୱାଜ୍, ସିଏମ୍‌ସି କମିସନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ୱାଟ୍‌କୋ ସିଇଓ ପ୍ରଦୀପ୍ତ କୁମାର ସ୍ୱାଇଁ ଓ ନିରାୟମ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ ପ୍ରମୁଖ ଜାଇକା ପ୍ରକଳ୍ପ ଉପରେ ବକ୍ତବ୍ୟ ରଖିଥିଲେ ।

ଏମ୍‌ପି ଶ୍ରୀ ସାମନ୍ତରାୟ ତାଙ୍କ ବକ୍ତବ୍ୟରେ କହିଲେ ଯେ, ବକ୍ସଡ୍ରେନ୍ କଟକବାସୀଙ୍କ ଜୀବନରେଖା ପାଲଟିବ । ମାତୃଭବନରୁ ବକ୍ସିବଜାରକୁ ସଂଯୋଗ ହେଉଥିବା ଏହି ଡ୍ରେନ୍ ଉପରେ ନବନିର୍ମିତ ରାସ୍ତା ଯୋଗୁଁ ଉଭୟ କଳା, ବାଣିଜ୍ୟ ଓ ଗମନାଗମନ କ୍ଷେତ୍ର ସୁଗମ ହୋଇ ପାରିବ । କଟକ ସହରକୁ ନୂଆରୂପ ଦେବା ଲାଗି ଜାଇକା ଓ ବକ୍ସଡ୍ରେନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କଥାକୁ ମଧ୍ୟ ସମସ୍ତଙ୍କୁ ସ୍ୱୀକାର କରିବାକୁ ପଡ଼ିବ ବୋଲି ସେ କହିଥିଲେ । ଏହି ପ୍ରକଳ୍ପକୁ କଟକ ସହରକୁ ଆଣିବା ଲାଗି ସେ ପୂର୍ବତନ ବଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ଏଥିପାଇଁ ବକ୍ସଡ୍ରେନ୍ ନିର୍ମାଣ କରୁଥିବା ୱାଟ୍‌କୋ, ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ୍ ପାଣ୍ଡିଆନ୍‌ଙ୍କୁ ସେ ଧନ୍ୟବାଦ ଦେଇଥିଲେ । ଏହା ପରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କହିଲେ ଯେ, ଏହି ବକ୍ସଡ୍ରେନ୍ ନିର୍ମାଣ ଯୋଗୁଁ କଟକସହରବାସୀଙ୍କୁ ଅନେକ ସମସ୍ୟାରେ ସମ୍ମୁଖିନ ହେବାକୁ ପଡ଼ିଛି । କିନ୍ତୁ ଆଜିର ରୂପାନ୍ତରଣ ଦୃଶ୍ୟକୁ ଦେଖି କଟକବାସୀ ଖୁସିରେ ଆତ୍ମହରା ହୋଇ ପଡ଼ିଛନ୍ତି ବୋଲି ସେ କହିଥିଲେ । ଜାଇକା ପ୍ରକଳ୍ପ ଲାଗି ଜମି ଅଧିଗ୍ରହଣ ଠାରୁ ଆରମ୍ଭ କରି ବର୍ତ୍ତମାନ ସ୍ୱେରେଜ୍ ଲାଇନ୍ ସହ ଘରକୁ ଘର ସଂଯୋଗ ବିଷୟରେ ସେ ସୂଚନା ଦେଇଥିଲେ । ଜାଇକା ପ୍ରକଳ୍ପ ପାଇଁ କଟକ ସହରରେ ୨ ହଜାର ୭୯୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ମେୟର ସୁବାସ ସିଂ କହିଲେ ଯେ, ଦିନେ ଜାଇକା ପାଇଁ ସହରବାସୀଙ୍କ ନିଦ ହଜିଯାଇଥିଲା । କିନ୍ତୁ ଆଜି ସେଇ ଜାଇକା ସମସ୍ତଙ୍କ ପାଇଁ ଖୁସି ଆଣି ଦେଇଛି । ଆଗକୁ ବର୍ଷାଜଳ ନିଷ୍କାସନକୁ ନେଇ ଯେଉଁ ସମସ୍ୟା ରହିଥିଲା ତାହା ଦୂର ହୋଇଯିବ ବୋଲି ମେୟର ଶ୍ରୀ ସିଂ କହିଥିଲେ । ସିଡିଏ ଅଧ୍ୟକ୍ଷ ଅନୀଲ କୁମାର ସାମଲ କହିଲେ ଯେ, ଏହି ବକ୍ସଡ୍ରେନ୍ ଦ୍ୱାରା କଟକ ସହରରେ ଟ୍ରାଫିକ୍ ସମସ୍ୟା ଦୂରହେବ । କେବଳ ଏତିକି ନୁହେଁ କଟକ ସହରରେ ଏସ୍‌ସିବି ମେଡିକାଲ ଠାରୁ ଆରମ୍ଭ କରି ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍, ତାଳଦଣ୍ଡା କେନାଲର ରୂପାନ୍ତରଣ କଟକ ସହରକୁ ଏକ ନୂଆ ସୋପାନକୁ ନେଇଯାଇଛି ବୋଲି ସେ କହିଥିଲେ । ୱାଟ୍‌କୋ ସିଇଓ ଶ୍ରୀ ସ୍ୱାଇଁ ଜାଇକା ପ୍ରକଳ୍ପର ସବିଶେଷ ସୂଚନା ଦେଇଥିଲେ ।






### ୪୫୦କୋଟିର ପରିକଳ୍ପନା...

ବକ୍ସଡ୍ରେନ୍ ନିର୍ମାଣ ନିମନ୍ତେ ୪୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ୧୧ କିମି ବ୍ୟାପି ଏହି ଡ୍ରେନ୍‌ରୁ କେବଳ ବକ୍ସଡ୍ରେନ୍ ପ୍ରାୟ ୩କିମି ଦୀର୍ଘ ରହିଥିଲା । ଏହି ଡ୍ରେନ୍ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ୨୦୧୩ରେ ହୋଇଥିଲା । ଡ୍ରେନ୍ କାର୍ଯ୍ୟ ଚାଲିଥିଲେ ମଧ୍ୟ ବକ୍ସଡ୍ରେନ୍ ନିର୍ମାଣ କାର୍ଯ୍ୟ ଜାଇକା ପରେ ଦାୟିତ୍ୱ ନେଇଥିବା ୱାଟ୍‌କୋ ପାଇଁ ବଡ଼ ଚ୍ୟାଲେଞ୍ଜ୍ ସୃଷ୍ଟି କରିଥିଲା । ୨୦୨୩ ମାର୍ଚ୍ଚରୁ ୨୫୯୦ ମିଟର ବ୍ୟାପି ବକ୍ସଡ୍ରେନ୍ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ ହୋଇଥିଲା । ଇତିମଧ୍ୟରେ ବକ୍ସଡ୍ରେନ୍‌ର ୨୮୦୦ ମିଟର କାର୍ଯ୍ୟ ଅର୍ଥାତ ପଟାପୋଲଠାରୁ ପ୍ରଫେସରପଡ଼ା ପର୍ଯ୍ୟନ୍ତ ଶେଷ ହୋଇଯାଇଛି । ଆଉ ୧୯୪ ମିଟର କାର୍ଯ୍ୟ ବାକି ରହିଛି । ଏହି କାର୍ଯ୍ୟ ପ୍ରଫେସରପଡ଼ାଠାରୁ ଆରମ୍ଭ ହୋଇ ଛତ୍ରବଜାର ପର୍ଯ୍ୟନ୍ତ ଚାଲିଛି । ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ । ଛତ୍ରବଜାରରୁ ମାତୃଭବନ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ୮୧୦ ମିଟରର ଓପନ୍ ଡ୍ରେନ୍ କାର୍ଯ୍ୟ ଡିସେମ୍ବର ଶେଷ ସୁଦ୍ଧା ସରିବ । ଅନ୍ୟପଟେ ମାତୃଭବନଠାରୁ ମତ୍ତଗଜପୁର ପର୍ଯ୍ୟନ୍ତ ଓପନ୍ ଡ୍ରେନ୍ କାର୍ଯ୍ୟ ଚାଲିଛି । ଏଥିରୁ ଆଉ ମାତ୍ର ୧ କିଲୋମିଟର କାର୍ଯ୍ୟ ବାକି ରହିଥିବା ଜଣାପଡ଼ିଛି ।

### ଆଉ ରହିବନି ଜଳବନ୍ଦୀ ସମସ୍ୟା...

ଆଉ ରହବିନି ଜଳବନ୍ଦୀ ସମସ୍ୟା । ବର୍ଷାଜଳ ନିଷ୍କାସନରେ ଏହି ବକ୍ସଡ୍ରେନ୍‌ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ତୁଳସୀପୁର ଟିଭି ଷ୍ଟେସନ୍‌ଠାରୁ ଆରମ୍ଭ କରି, ଖ୍ରୀଷ୍ଟ କଲେଜ୍, ଚଣ୍ଡି ଛକ, ଖଡ୍‌ବିନ୍ ସାହି, ଓଡ଼ିଆ ବଜାର, ସୂତାହାଟ, ପଟାପୋଲ, ବକ୍ସିବଜାର, ମେରିଆ ବଜାର, ରାଉସପାଟଣା, ଗହ୍ଣାଡ଼ିଆ, ପ୍ରଫେସରପଡ଼ା ଆଦି ଅଞ୍ଚଳରେ ସମସ୍ତ ବର୍ଷାଜଳ ସିଧାସଳଖ ଆସି ଏହି ବକ୍ସଡ୍ରେନ୍‌ରେ ନିଷ୍କାସିତ ହେବ । କଟକ ସହରରେ ଯଦି ନିୟମିତ ବର୍ଷା ହୁଏ ତଥାପି ଗୋଟେ ବୁନ୍ଦା ପାଣି ଏହିସବୁ ଅଞ୍ଚଳରେ ଥିବା ସଡ଼କ ଉପରେ ଜମା ହେବ ନାହିଁ ବୋଲି ଜାଇକା କର୍ତ୍ତୃପକ୍ଷ କହିଛନ୍ତି । କିନ୍ତୁ ବକ୍ସଡ୍ରେନ୍‌ର କାର୍ଯ୍ୟ କେବଳ ଏତିକିରେ ସୀମିତ ହୋଇ ରହିବ ନାହିଁ । ବକ୍ସଡ୍ରେନ୍ ଯାତାୟତର ମୁଖ୍ୟମାଧ୍ୟମ ପାଲଟିବ । ଏଥିରେ ବଡ଼ଗାଡ଼ି ସହ ସାଇକେଲ୍ ଟ୍ରାକ୍, ଫୁଟ୍‌ପାଥ୍ ମଧ୍ୟ ରହିବ । ବିଭିନ୍ନ ସ୍ଥାନରେ ବସିବା ପାଇଁ ଚେୟାର ପଡ଼ିବାର ବ୍ୟବସ୍ଥା କରାଯିବ । ଏଥିସହ ଏହି ରାସ୍ତାର ସ୍ୱତନ୍ତ୍ର ଭାବେ ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି ।







# ଜିଲ୍ଲାରେ କମୁଛି ଆଳୁ ଉତ୍ପାଦନ

କଟକ, ୨୯ ।୨(ସମିସ)



**ବେପାରୀଙ୍କୁ କମ୍ ଦରରେ ବିକୁଛନ୍ତି ଚାଷୀ**

କଟକ ଜିଲ୍ଲାରେ ଏଥର ଆଳୁ ଚାଷ ଆଶାଜନକ ହୋଇପାରୁନାହିଁ । ଏବେ ଆଳୁ ଅମଳ ଆରମ୍ଭ ହୋଇଗଲାଣି । ହେଲେ ଯେତିକି ଟଙ୍କାରେ ଚାଷୀ ବିହନ କିଣିଥିଲେ ଏବେ ତାହାର ଅଧା ମୂଲ୍ୟ ଅମଳ ବେଳେ ମିଳୁନାହିଁ । ଆଳୁ ଦର ଏଥର ଅପେକ୍ଷାକୃତ ଶସ୍ତା ହୋଇଥିବା ଜଣାପଡ଼ିଛି । ସାଧାରଣତଃ ଆଳୁ ଚାଷ ଆରମ୍ଭ ବେଳକୁ ଦର କିଲୋ ପ୍ରତି ୩୦ଟଙ୍କା ଛୁଇଁଥାଏ । ଏଥର କିନ୍ତୁ ମାତ୍ର ୧୫ଟଙ୍କାରୁ ୨୦ଟଙ୍କା ମଧ୍ୟରେ ରହିଥିଲା । ଆଉ ଏବେ ଆଳୁ କିଲୋ ପ୍ରତି ଦର ୧୫ରୁ୧୭ଟଙ୍କା ରହିଛି । କିନ୍ତୁ ଚାଷୀ ମାନେ ମାତ୍ର ୧୦-୧୨ଟଙ୍କାରେ ବେପାରୀଙ୍କୁ ବିକ୍ରି କରୁଥିବା ଦେଖିବାକୁ ମିଳିଛି । ଏଣୁ ନୂଆ ଆଳୁ ଅମଳ କରୁଥିବା ଚାଷୀ ମାନେ ମୁଣ୍ଡରେ ହାତ ଦେଇଛନ୍ତି । ଗତବର୍ଷ ଆଳୁ ବିହନ ବଜାରରୁ କିଲୋ ପ୍ରତି ୪୦ଟଙ୍କାରେ କିଣି ଚାଷ କରିଥିଲେ ଚାଷୀ । ଏଥର କିନ୍ତୁ ବଜାରରେ ଆଳୁ ଦର ହ୍ରାସ ପାଇଚାଲିଥିବାରୁ ବିହନ ମଧ୍ୟ ଅପେକ୍ଷାକୃତ କମ ଦରରେ ମିଳିପାରିଥିଲା । ଯେଉଁଥିପାଇଁ ଆଳୁ ଚାଷର ପରିସର ବଢ଼ିଥିଲା । ସାଧାରଣତଃ ଆଳୁ ଚାଷ ନଭେମ୍ବର ତୃତୀୟ ସପ୍ତାହରୁ ଡିସେମ୍ବର ଶେଷ ସପ୍ତାହ ମଧ୍ୟରେ ହୋଇଥାଏ । ୧୦୦ରୁ ୧୨୦ ଦିନ ମଧ୍ୟରେ ଏହା ଅମଳକ୍ଷମ ହୋଇଥାଏ । ଏଥର ଅନୁକୂଳ ପାଗ ଯୋଗୁ ଆଳୁ ଚାଷ ଶୀଘ୍ର ହୋଇଥିଲା । ଏଣୁ ଅମଳ ମଧ୍ୟ ଶୀଘ୍ର ହୋଇଛି । କଟକ ଜିଲ୍ଲାର ୧୪ଗୋଟି ବ୍ଲକ ମଧ୍ୟରୁ ସାଧାରଣତଃ ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି, ସଦର, ବାଙ୍କୀ, ଆଠଗଡ଼, ନିଆଳି ଆଦି କେତେକ ବ୍ଲକରେ ଆଳୁ ଚାଷ କରାଯାଇଥିଲା । ଗୁରୁତ୍ୱପୂର୍ଣ୍ଣ ଏହିକି ଯେ ଉନ୍ନତ କିସମର ବିହନ ଅଭାବରୁ ଜିଲ୍ଲାରେ ଆଳୁ ଉତ୍ପାଦନ ମଧ୍ୟ ଆଶାନୁରୂପକ ହୋଇପାରିନଥିବା ଜଣାପଡ଼ିଛି । ଅଧିକାରୀଙ୍କ କହିବାନୁସାରେ ଗତ ବର୍ଷ ତମାମ ଆଳୁ ଦର ନିୟନ୍ତ୍ରଣରେ ରହିଥିଲା । ଏପରିକି ଏହା ୨୦ଟଙ୍କା ଟପିନଥିଲା । ଏଣୁ ଏଥର ଅନେକ ଚାଷୀ ଆଳୁ ଚାଷ ପାଇଁ ମନ ବଳାଇନଥିଲେ । ସେହିପରି ମାଙ୍କଡ ଉପଦ୍ରବ ପାଇଁ କିଛିଟା ଚାଷୀ ମାନେ ପଛଘୁଞ୍ଚା ଦେଇଥିଲେ । ଆଳୁ ପାଇଁ ଆବଶ୍ୟକ ରାସାୟନିକ ସାର ମୂଲ୍ୟ ଓ ମଜୁରୀ ବିଗତ ବର୍ଷ ତୁଳନାରେ ଯଥେଷ୍ଟ ବୃଦ୍ଧି ପାଇଥିବା ବେଳେ ଏଥର ଆଳୁର ଅଭାବି ବିକ୍ରି ସ୍ଥିତି ଉପୁଜିଛି । ଗୋଟିଏ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ଅତିକମରେ ୧୫କ୍ୱିଣ୍ଟାଲ ଆଳୁ ବିହନ କିଣିକରି ଚାଷୀ ଲଗାଇଥିଲେ । ଅମଳ ପରେ ସଂରକ୍ଷଣ ପାଇଁ ଆବଶ୍ୟକ ସଂଖ୍ୟାରେ ଶୀତଳ ଭଣ୍ଡାର ନଥିବାରୁ ଚାଷୀ ମାନେ ଉତ୍ପାଦିତ ଆଳୁ ପଚିଯିବା ଭୟରେ କମ ଦରରେ ବେପାରୀଙ୍କୁ ଦେଉଛନ୍ତି । ବାଙ୍କୀ, ଆଠଗଡ଼, ବୟାଳିଶମୌଜା ଆଦି ଅଞ୍ଚଳରେ ୪ସରକାରୀ ଶୀତଳଭଣ୍ଡାର ଦୀର୍ଘ ଦଶନ୍ଧି ଧରି ବନ୍ଦ ହୋଇପଡ଼ିଛି । ଚଳିତ ବର୍ଷ କଟକ ଜିଲ୍ଲାରେ ପ୍ରାୟ ୪୫୦ହେକ୍ଟର ଜମିରେ ଆଳୁ ଚାଷ କରାଯାଇଥିଲା ।

## ୨ରେ ବିମଳ କିଶୋର ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ

# ଡା. ବି. ସୁରାଗାଙ୍କୁ କ୍ଷେତ୍ରମଣି ଦେବୀ ସ୍ମାରକୀ ପୁରସ୍କାର

କଟକ, ୨୯।୨(ସମିସ): ଖ୍ୟାତିସମ୍ପନ୍ନ ପ୍ରଶାସକ ତଥା ରାଜ୍ୟର ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି, ଶିକ୍ଷାବିତ୍ ଓ ସଂସ୍କୃତି ବିଶାରଦ ବିମଳ କିଶୋର ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ମାର୍ଚ୍ଚ ୨ ତାରିଖରେ ଜୟଦେବ ଭବନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ । ଏହି ଉତ୍ସବରେ ଶତବାର୍ଷିକୀ ସ୍ମରଣିକା ସହିତ ବିମଳ କିଶୋର ମିଶ୍ରଙ୍କ ଜୀବନୀ 'ଅବିଚଳ ବିମଳ' ଓ ଏହାର ଇଂରାଜୀ ଅନୂଦିତ ପୁସ୍ତକ ଉନ୍ମୋଚନ ହେବ । କର୍କଟରୋଗ ସମ୍ପର୍କରେ ବିଶେଷ ଗବେଷଣା ପାଇଁ ଡାକ୍ତର ବି. ସୁରାଗାଙ୍କୁ କ୍ଷେତ୍ରମଣି ଦେବୀ ସ୍ମାରକୀ ପୁରସ୍କାର ପ୍ରଦାନ କରାଯିବ । ଡାକ୍ତର ସୁରାଗାଙ୍କୁ ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କା, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯିବ । ଏହି ଶତବାର୍ଷିକୀ ସମାରୋହରେ ଓଡ଼ିଶା ସରକାରଙ୍କର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ପ୍ରଶାସକ ସଞ୍ଜିବ ଚନ୍ଦ୍ର ହୋତା ସଭାପତି ଭାବେ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ମାରକ ପ୍ରାଧିକରଣର ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସା ସ୍ମାରକୀ ବକ୍ତୃତା ପ୍ରଦାନ କରିବେ ବୋଲି ଶତବାର୍ଷିକୀ କମିଟିର ସମ୍ପାଦକ ବିଜୟାନନ୍ଦ ସିଂହ ଜଣାଇଛନ୍ତି ।

## କନମିରା ପାହାଡ଼ରେ ନିଆଁ



ଟାଙ୍ଗୀ, ୨୯ ।୨(ସମିସ): ଗୁରୁବାର ଅପରାହ୍ନରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ଅନ୍ତର୍ଗତ କନମିରା ପାହାଡ଼ରେ ଅଗ୍ନିକାଣ୍ଡ ଘଟି ଅନେକ ଗଛଲତା ପୋଡ଼ି ପାଉଁଶ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀଙ୍କ ସୂଚନା ଆଧାରରେ ଚୌଦ୍ୱାରରୁ ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ବନ କର୍ମଚାରୀ ନିଆଁକୁ ଆୟତ୍ତ କରିବାକୁ ସକ୍ଷମ ହୋଇଥିଲେ। ବ୍ଲୋୟର ମେସିନ୍ ବ୍ୟବହାର କରାଯାଇ ନିଆଁ ଆୟତ୍ତ କରାଯାଇଥିବା ବନପାଳ କୃଷ୍ଣଚନ୍ଦ୍ର ଟୁଡୁ ସୂଚନା ଦେଇଛନ୍ତି।

## ପଞ୍ଚାୟତ ସମିତିର ନୂତନ ସଭାଗୃହ ଉଦ୍‌ଘାଟିତ



ଟାଙ୍ଗୀ, ୨୯ ।୨(ସମିସ): ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟତ ସମିତିର ନୂତନ ସଭାଗୃହ ବୁଧବାର ଉଦଘାଟିତ ହୋଇଯାଉଛି। ବିଡ଼ିଓ ହେମନ୍ତ ମହନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ବ୍ଲକ ବିଜେଡ଼ି ସଭାପତି ଧିରେନ୍ଦ୍ର ଜେଠୀ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ବିଜୁ ଜିଲ୍ଲା ସମ୍ପାଦନ ମଣ୍ଡଳୀ ସଦସ୍ୟ ଆଶିଷ ରଞ୍ଜନ ଷଡ଼ଙ୍ଗୀ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ପଞ୍ଚାୟତ ବିଜେଡି ସଭାପତି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଯୁବନେତା ପରମଜିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର



ଚୌଦ୍ୱାର, ୨୯।୨(ସମିସ): ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲା ପଣ୍ଡା ଫାଉଣ୍ଡେସନ୍ ଆନୁକୂଲ୍ୟରେ ଚୌଦ୍ୱାର ପୌରପାଳିକା ୧୬ ନମ୍ବର ୱାର୍ଡରେ ଏକ ବହୁମୁଖି ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶାରଦାନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁବାର ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଇମ୍ଫାର ଉପସଭାପତି ବିନୟ ଅଗ୍ରୱାଲା ଓ ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କଳିଙ୍ଗ ହସପିଟାଲର ଡା. ଇନ୍ଦ୍ରଜିତ ଦେ, ଡା. କୁସୁମ ଦାସ, ଡା. ଜ୍ୟୋତିର୍ମୟୀ, ଡା. ପିକେ.ରାଉତ, ଡା. ସବ୍ୟସାଚୀ ମହାପାତ୍ର ପ୍ରମୁଖ ଅଞ୍ଚଳର ୨୪୩ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାଉଣ୍ଡେସନ୍ ତରଫରୁ ରୋଗୀମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ଇମ୍ଫାର ସାଧାରଣ ପ୍ରଶାସକ ଜି. ଶାରଦାପ୍ରସାଦ ରାଓ, କାଉନସିଲର ଅଜିନୀ ବେହେରା, ସୁଜାତା ସାହୁ, ରଞ୍ଜୁଲତା ଦାସ, ଦିଲ୍ଲୀପ ଭୂୟାଁ, ଅଜୟ ବେହେରା ପ୍ରମୁଖ କାଉନସିଲର ଏଥିରେ ଅତିଥିଭାବେ ଯୋଗଦେଇଥିଲେ। ଇମ୍ଫାର ଲୋକସମ୍ପର୍କ ଉପ ସାଧାରଣ ପ୍ରଶାସକ ଧ୍ରୁବ ଚରଣ ରାଉତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଇମ୍ଫାର ଅଧିକାରୀ ଲଲାଟ କିଶୋର ମାନସ ପଣ୍ଡା, ମାନସ ରଞ୍ଜନ ପ୍ରଧାନ, ଦେବାଶିଷ ତ୍ରିପାଠୀ, ଉମେଶ ଚନ୍ଦ୍ର ପଟ୍ଟନାୟକ, ଆଶିଷ ଦାସ ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଚାରି ମାସ ମାଗଣା ଚାଉଳ ବଣ୍ଟନରେ ଅନିଶ୍ଚିତତା

# ଦେଢ଼ମାସରେ ବାୟୋମେଟ୍ରିକ ମେସିନ ବନ୍ଦ

କିଶନନଗର, ୨୯ ।୨(ସମିସ)

୪ ମାସର ମାଗଣା ରାସନ (ଚାଉଳ) ଏକା ସାଙ୍ଗରେ ପ୍ରଦାନ ପାଇଁ ସରକାର ଘୋଷଣା କରିଛନ୍ତି। ତେବେ ଯୋଗାଣ ବିଭାଗ ମାତ୍ର ଦେଢ଼ ମାସରେ ମେସିନ ବନ୍ଦ କରିଦେବାରୁ ବହୁ ହିତାଧିକାରୀ ଏହି ୪ ମାସର ମାଗଣା ରାସନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ ଏଥର ଜାନୁଆରୀରୁ ଏପ୍ରିଲ ପର୍ଯ୍ୟନ୍ତ ଏକକାଳୀନ ୪ ମାସର ମାଗଣା ରାସନ ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଜାନୁଆରୀ ୫ତାରିଖରୁ ହିତାଧିକାରୀଙ୍କ

**ହିତାଧିକାରୀ ନିରାଶ**

ବାୟୋମେଟ୍ରିକ ସଂଗ୍ରହ କରାଯାଇ ମାଗଣା ରାସନ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ଫେବୃଆରୀ ୧୫ ତାରିଖ ପରେ ଡିଲରଙ୍କ ମାଧ୍ୟମରେ ବ୍ୟାଗ ଓ ଟଙ୍କା ବଣ୍ଟନ କରାଯାଇଥିଲା। ମାତ୍ର ଫେବ୍ରୁଆରୀ ୨୫ରୁ ଯୋଗାଣ ବିଭାଗ ବାୟୋମେଟ୍ରିକ ମେସିନରୁ ରାସନ ଲିଙ୍କକୁ ବନ୍ଦ କରିଦେଇଛି। ଫଳରେ ଆଇ ସ୍କାନ ହୋଇପାରୁ ନାହିଁ। ରାସନ ପାଇଁ ଆସି ହିତାଧିକାରୀ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି। ଏ ନେଇ ଡିଲରଙ୍କ ନିକଟରୁ କିଛି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଯାହାକୁ ନେଇ ଗରିବ, ଭିନ୍ନକ୍ଷମ ହିତାଧିକାରୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏପରି ପରିସ୍ଥିତିରେ ସେମାନେ ଚଳିବେ କିପରି ବୋଲି ଚିନ୍ତାରେ ପଡ଼ିଛନ୍ତି। ଏହି ବିଷୟରେ ଯୋଗାଣ ଅଧିକାରୀ ଡି. ପ୍ରଧନୀଙ୍କୁ ପଚାରିବାରୁ ଭୁବନେଶ୍ୱର କଣ୍ଟ୍ରୋଲ ରୁମ୍ ଲିଙ୍କ ବନ୍ଦ ହୋଇଥିବା ସୂଚନା ଦେଇଛନ୍ତି। ଏଥି ପ୍ରତି ବିଭାଗୀୟ ସଚିବ ଓ '୫-ଟି' ଅଧ୍ୟକ୍ଷ ତୁରନ୍ତ ଦୃଷ୍ଟି ଦେଇ ବାୟୋମେଟ୍ରିକ ମେସିନ ସହ ରାସନ ଲିଙ୍କ ପୁନଃ ସଂଯୋଗ କରି ରାସନ ନେବାର ଅବଧି ଆଉ ଏକ ମାସ ବଢ଼ାଇବା ପାଇଁ ହିତାଧିକାରୀଙ୍କ ପକ୍ଷରୁ ଦାବି ହୋଇଛି।

## କେନାଲରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

କଟକ, ୨୯।୨(ସମିସ): କଟକ କମିଶନରେଟ ପୁଲିସ ଅନ୍ତର୍ଗତ କନ୍ଦରପୁର ଥାନା ଅନ୍ତର୍ଗତ ବିରିବାଟୀ ନିକଟସ୍ଥ ମାଛଗାଁ କେନାଲରୁ ଭୋର ସମୟରେ ଜଣେ ବୃଦ୍ଧ ପରିବା ବ୍ୟବସାୟୀଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତକ ଜଣକ ଏହି ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଗ୍ରାମର ଚିତ୍ରାନନ୍ଦ ବେଉରା(୬୫)। ମୃତକଙ୍କ ପୁଅ ରଞ୍ଜନ ବେଉରାଙ୍କ ସୂଚନା ଅନୁଯାୟୀ ସବୁଦିନ ପରି ତାଙ୍କ ବାପା ଭୋରରୁ ପରିବା ନେଇ ଛତ୍ରବଜାରକୁ ବ୍ୟବସାୟ କରିବା ପାଇଁ ଯାଆନ୍ତି। କିନ୍ତୁ ଆଜି ଭୋରରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମାଛଗାଁ କେନାଲ ନିକଟରେ ପହଞ୍ଚି ଦେଖିଲେ କି, କେନାଲ ମଧ୍ୟରେ ତାଙ୍କ ବାପା ପାଣିରେ ପଡ଼ିଥିବାବେଳେ ତାଙ୍କ ଉପରେ ପରିବା ବୋଝେଇ ସାଇକଲ ପଡ଼ିଥିଲା। ସମ୍ଭବତଃ ଏହା ଏକ ସଡ଼କ ଦୁର୍ଘଟଣା କିମ୍ବା ଅନ୍ୟ କିଛି ବୋଲି ତାଙ୍କର ସନ୍ଦେହ ହେଉଛି ବୋଲି କନ୍ଦରପୁର ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିବା ସହ ଉପଯୁକ୍ତ ତଦନ୍ତ କରି ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ପୁଲିସ ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## କ୍ରୀଡ଼ା ପୁରସ୍କାର ବିତରଣ ଓ ଗୁରୁ ସମ୍ମାନ ପ୍ରଦାନ

ଟାଙ୍ଗୀ, ୨୯ ।୨(ସମିସ)




ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ କହ୍ନେଇପୁର ପଞ୍ଚାୟତ ବରପଦା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପୁରସ୍କାର ବିତରଣ ଓ ଗୁରୁ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ହିମାଂଶୁ ମହାନ୍ତି, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ସରପଞ୍ଚ ବିଷ୍ଣୁ ଚରଣ ଦାସ, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ମହାରଣା, ଶଙ୍କର୍ଷଣ ମହାପାତ୍ର, ଶିକ୍ଷକ ଧିରେନ ଜେନା, ସତ୍ୟବ୍ରତ ତ୍ରିପାଠୀ, ପ୍ରାକ୍ତନ ୱାର୍ଡମେମ୍ବର ଶଶିକାନ୍ତ ମହାନ୍ତି ଓ ମୁରଲୀଧର ମଲ୍ଲିକ ପ୍ରମୁଖ ଯୋଗଦାନ କରି ବିଦ୍ୟାଳୟର ବିକାଶ ଓ ଶିକ୍ଷାଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବିତରଣ କରାଯିବା ସହ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପ୍ରଶାନ୍ତ ସ୍ୱାଇଁ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଧାନଶିକ୍ଷକ ପାଦିସ ସିଂ ଅତିଥି ପରିଚୟ, ସହକାରୀ ଶିକ୍ଷକ ଲିପିକା ଦେହୁରୀ ଓ ମାୟାଧର ବେହେରା ବିବରଣୀ ପାଠ କରିଥିବାବେଳେ କ୍ରୀଡ଼ା ଶିକ୍ଷୟିତ୍ରୀ ସଙ୍ଗୀତା ଦାସ ଧନ୍ୟବାଦ ଦେଇଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବଡମ୍ବା, ୨୯।୨(ସମିସ)

ବଡମ୍ବା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ବନବିହାରୀ ମହାନ୍ତି ଆଜି ଅବସର ଗ୍ରହଣ କରିଛନ୍ତି। ବଡ଼ମ୍ବା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜ ସିଂହଙ୍କ ଅଧ୍ୟକ୍ଷତାରେ ଏବଂ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ସହକାରୀ ଶିକ୍ଷାଧିକାରୀ ବିବେକାନନ୍ଦ ସାହୁ, ନିର୍ମଳା ବେହେରା, ନରେନ୍ଦ୍ର ରଥ ଓ ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁକ୍ତିପଦ ନନ୍ଦ ପ୍ରଭୃତି ଉପସ୍ଥିତ ଥିଲେ ସମସ୍ତ ୧୬ଟି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସହିତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ଦୀର୍ଘ ୪୧ ବର୍ଷ ୬ ମାସର କାର୍ଯ୍ୟକାଳ ଭିତରେ ଜଣେ କର୍ତ୍ତବ୍ୟନିଷ୍ଠ, ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ହିସାବରେ ସର୍ବଦା ବନଭାଇ ସମସ୍ତଙ୍କର ପ୍ରିୟ ହୋଇ ରହିବେ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷକ ସଂଘ ଫେଡେରେସନ ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସମ୍ପାଦକ ବିଜୟ ମଲ୍ଲିକ, ଶିକ୍ଷକ ରଘୁନାଥ ସେଠୀ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ସରୋଜ ରଥଶର୍ମା, ଶିବପ୍ରସାଦ ବ୍ରହ୍ମା, ଶ୍ରୀକାନ୍ତ ମିଶ୍ର, ଶ୍ୟାମସୁନ୍ଦର ଶତପଥୀ, ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବିଆରଟି ଦୀନବନ୍ଧୁ ଦଳେଇ, ମମତା ଦାଶ, ଜନ୍ମେଜୟ ରାଉତ, ପ୍ରଶାନ୍ତ ମଲ୍ଲିକ, ଜୟକୃଷ୍ଣ ମହାପାତ୍ର, ବିଜୟ କୁମାର ମଲ୍ଲିକ, ମୁରଲୀଧର ତରାସିଆ ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ସହଧର୍ମିଣୀ ସୁଜାତା ମହାନ୍ତି ଓ କନିଷ୍ଠ ପୁତ୍ର ବିଶ୍ୱଜିତ ମହାନ୍ତି ଉପସ୍ଥିତ ଥିଲେ।



## ସଉରା ଜନଜାତି ଜୀବନୀ ସମ୍ପର୍କରେ ଗବେଷଣା



ବାଙ୍କୀ, ୨୯।୨(ସମିସ)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ଛାତ୍ରଛାତ୍ରୀମାନେ ଗଜପତି ଜିଲ୍ଲାର ଚନ୍ଦ୍ରଗିରି ଅଞ୍ଚଳକୁ ପରିଭ୍ରମଣ କରି ସଉରା ଜନଜାତିମାନଙ୍କର ଜୀବନ ଶୈଳୀ ଓ ଚାଲିଚଳନ ଉପରେ ଅନୁଧ୍ୟାନ କରିବା ସହିତ ଗବେଷଣା କରିଥିଲେ। ଚନ୍ଦ୍ରଗିରି ଠାରେ ଥିବା ସଉରା ଜନଜାତି ସଂଗ୍ରହାଳୟ ବୁଲି ଦେଖିବା ସହିତ ସେମାନଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ବସ୍ତୁ ଉପରେ ତଥ୍ୟ ସଂଗ୍ରହ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧାପକ ମନୋଜ ମହାପାତ୍ରଙ୍କ ନେତୃତ୍ୱରେ ୩୬ଜଣ ଛାତ୍ରଛାତ୍ରୀ ଏହି ପରିଭ୍ରମଣରେ ଯାଇ ତଥ୍ୟ ସଂଗ୍ରହ କରିଥିଲେ। ପ୍ରାଣୀବିଜ୍ଞାନ ବିଭାଗର ଡେମୋଷ୍ଟ୍ରେଟର କୁମୁନ୍ଦ ରଞ୍ଜନ ମହାରଣା ଓ ଅବିନାଶ ପରିଡ଼ା ସହାୟତା କରିଥିଲେ।

## ବିଭିନ୍ନ ସ୍ଥାନରେ ଜାତୀୟ ବିଜ୍ଞାନ ଦିବସ

ବଡମ୍ବା, ୨୯ ।୨(ସମିସ): ବଡମ୍ବା ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ କର ବିଜ୍ଞାନ ଏଡାଡେମୀ ପରିସରରେ ମଙ୍ଗଳବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ସ୍ୱଦେଶୀ ଜ୍ଞାନ କୌଶଳ ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ବିକଶିତ ଭାରତ ପାଇଁ ସ୍ୱଦେଶୀ ଜ୍ଞାନ କୌଶଳ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ରୂପେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁବାସ ଚନ୍ଦ୍ର ଆସ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ଇଂରାଜୀ ବିଭାଗ ଅଧ୍ୟାପକ ମାନଗୋବିନ୍ଦ ପାତ୍ର, ଗଣିତ ବିଭାଗ ଅଧ୍ୟାପକ କେଦାର ସାହୁ, ଭିନ୍ନ ମଣିଷ ଭିନ୍ନ ପୃଥିବୀ ଅନୁଷ୍ଠାନର ସମ୍ପାଦକ ଅଧ୍ୟାପକ ବଟକୃଷ୍ଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରବୀଣା ମହାନ୍ତିଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଏଥିରେ କୃତିତ୍ୱ ହାସଲ କରିଥରବା ସୌମ୍ୟରଞ୍ଜନ ତରାସିଆ, ବୈଶାଖୀ ପ୍ରିୟଦର୍ଶିନୀ, ସ୍ୱର୍ଣ୍ଣଲତା ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଅଧିକ୍ଷକ ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବଡମ୍ବା ସ୍ଥିତ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ପକ୍ଷରୁ ବିଜ୍ଞାନ ଦିବସ ପାଳିତ ହେବା ସହ ବିକଶିତ ଭାରତ ପାଇଁ ସ୍ୱଦେଶୀ ଜ୍ଞାନକୌଶଳ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ସୁଚିସ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବୈଜ୍ଞାନିକ ଡ.ବିମଳେନ୍ଦୁ ମହାନ୍ତି, ମୁଖ୍ୟବକ୍ତା ରୂପେ ବୈଜ୍ଞାନିକ ଦିବ୍ୟ ସୁନ୍ଦର କର ଯୋଗଦେଇ ଜୈବିକ କୃଷି ଏବଂ ଭେନିସ କମ୍ପୋଷ୍ଟ, ପାରମ୍ପରିକ ଜ୍ଞାନକୌଶଳ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ରସାୟନ ବିଭାଗ ମୁଖ୍ୟ ଡ. ସୁବାସ ଚନ୍ଦ୍ର ଆସ, ଅଧ୍ୟାପକ ବିଶ୍ୱନାଥ ପଟ୍ଟନାୟକ, ଡ. ତନୟା ପଟେଲ, ଜ୍ୟୋତିପ୍ରଭା ମୁଦୁଲି, ପ୍ରଜ୍ଞା ପରମିତା ମହାନ୍ତି, ସୁଶ୍ରୀ ଶୁଭଦର୍ଶିନୀ, ଫାଲଗୁନି ମାଝୀ ପ୍ରମୁଖ ଯୋଗେଦେଇଥିଲେ। ଅଧ୍ୟାପିକା ଜ୍ୟେତିପ୍ରଭା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

### ପରମହଂସନାଥ ପୀଠରେ ଜାଗର ଯାତ୍ରା ପ୍ରସ୍ତୁତି ବୈଠକ

# ଭୋର୍ ୪ଟାରେ ଉଠିବ ମହାଦୀପ

କଟକ, ୨୯।୨(ସମିସ)



ସଦର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ପରମହଂସନାଥ ପୀଠରେ ଆସନ୍ତା ଜାଗର ଯାତ୍ରା ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହଂସନାଥ ମନ୍ଦିର ସୁରକ୍ଷା ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ସିଂହଙ୍କ ସଭାପତିତ୍ୱରେ ଓ ପରମହଂସ ପଞ୍ଚାୟତର ସରପଞ୍ଚ ଅଶୋକ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା ଯୋଗଦେଇ ଜାଗର ଯାତ୍ରା କିପରି ଶୃଙ୍ଖଳିତ ଓ ସୁଚାରୁରୂପେ ପାଳନ ହୋଇପାରିବ ସେଥିପାଇଁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ସଦର ବିଡ଼ିଓ ରୁମାନା ଜାଫ୍ରୀ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡା. ବସନ୍ତ ସାହୁ, ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ତୁଳସୀ ଚରଣ ଦାସ, କନ୍ଦରପୁର ଥାନା ଅଧିକାରୀ ରାଧାକାନ୍ତ ସାହୁ, ଆରଡବ୍ଲୁଏସଏସର ବିଭାଗୀୟ ଅଧିକାରୀ, ଦେବୋତ୍ତର ବିଭାଗର ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ମଲ୍ଲ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆସନ୍ତା ମାର୍ଚ୍ଚ ୮ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଜାଗାର ଯାତ୍ରା ୪ ଦିନ ଧରି ଅନୁଷ୍ଠିତ ହୋଇ ୧୧ତାରିଖ ଦିନ ଶେଷ ହେବ। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ। ଜାଗର ଦିନ ଭୋରରୁ ମନ୍ଦିର ଖୋଲାଯିବା ସହ ମଙ୍ଗଳ ଆଳତୀ, ହଂସନାଥଙ୍କ ସ୍ୱତନ୍ତ୍ର ରୀତିନୀତି ଅନୁସାରେ ପୂଜାପାଠ କରାଯିବ। ଭୋର ୪ଟାରେ ମହାଦୀପ ଉଠାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ମାହାଳୀ, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ସମବାୟବିତ ସମର ବେହେରା, ରଜନୀକାନ୍ତ ସାହୁ, ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ପରିଡ଼ା, ସୁଧୀର ଶତପଥୀ ପ୍ରମୁଖଙ୍କ ସମେତ ମନ୍ଦିର ପୂଜକମାନେ ଉପସ୍ଥିତ ଥିଲେ।

## ଏନ୍‌ଏସ୍‌ଏସ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ନିଶ୍ଚିନ୍ତକୋଇଲି, ୨୯।୨(ସମିସ): ନତକାଇ ସ୍ଥିତ ବଲ୍ଲଭୀ ଦେବୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷା ଡ଼ଃ. ପୁଷ୍ପିତା ଜେନାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ସଡକ ସୁରକ୍ଷା ସଚେତନତା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଅବସରପ୍ରାପ୍ତ ଆରଟିଓ ଅଧିକାରୀ ଅଭୟ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ଜୀବନ ରକ୍ଷାର ମାର୍ଗଦର୍ଶନ କରାଇଥିଲେ। ଜାତୀୟ ସେବା ଯୋଜନାରେ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଡ. ଜୟନ୍ତୀ ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ନାୟକ ଓ ସୁଧାଂଶୁ ବେଜ ପରିଚାଳନାରେ ସହଯୋଗ କରିଥିଲେ।

## ଭଏସ୍ ଅଫ୍ ମିଡିଆର ଜିଲ୍ଲା ସାଂଗଠନିକ ବୈଠକ

ବଡ଼ମ୍ବା, ୨୯।୨(ସମିସ)

ଜାତୀୟସ୍ତର ସାମ୍ବାଦିକ ସଂଘ ଭଏସ୍ ଅଫ୍ ମିଡିଆର କଟକ ଜିଲ୍ଲାର ସାଧାରଣ ସମ୍ପାଦକ ତଥାଗତ ବିଶ୍ୱାଳଙ୍କ ପୌରୋହିତ୍ୟରେ ବଡ଼ମ୍ବା ଡାକ ବଙ୍ଗଳା ପରିସରରେ ଭଏସ୍ ଅଫ୍ ମିଡିଆର କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଏସ୍ ଅଫ୍ ମିଡିଆର ରାଜ୍ୟ ସଭାପତି ପ୍ରଭାତ ମିଶ୍ର ବିଶିଷ୍ଟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ଭଏସ୍ ଅଫ୍ ମିଡିଆର ଜିଲ୍ଲା କାର୍ଯ୍ୟକାରିଣୀ ସଭାପତି ଅନିଲ ଦାସ, ରାଜ୍ୟ ସଂଯୋଜକ ପୂର୍ଣ୍ଣେନ୍ଦୁ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶରତ ଚନ୍ଦ୍ର ବାରିକ, ଜିଲ୍ଲା ସହସମ୍ପାଦକ କାଳନ୍ଦୀ ବ୍ରହ୍ମା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବଡ଼ମ୍ବା ନରସିଂହପୁର ଭଏସ୍ ଅଫ୍ ମିଡିଆର କର୍ମକର୍ତ୍ତା ଅନିଲ ରାଉତଙ୍କୁ ସଭାପତି, ସଧାରଣ ସମ୍ପାଦକ ସୁଧାଂଶୁ ରଞ୍ଜନ ଶତପଥୀ, କୋଷାଧ୍ୟକ୍ଷ ଭାବେ ନବକିଶୋର ପଣ୍ଡାଙ୍କୁ ନୂତନ କର୍ମକର୍ତ୍ତା ଭାବେ ଚୟନ କରାଯାଇଛି।



ସକାଳ
THE SAKALA





### ମନମୁଖୀ ଭାବେ ରାସ୍ତା ନିର୍ମାଣ କରୁଛନ୍ତି ଠିକାଦାର

# ବିପଦସଂକୁଳ ଅବସ୍ଥାରେ ରାସ୍ତା ପାର୍ଶ୍ୱ ରଡ୍

**ସାଲେପୁର,୨୯ ।୨(ସମିସ)**

ଠିକାଦାର ମନମୁଖୀ ଭାବେ ରାସ୍ତା ନିର୍ମାଣ କାର୍ଯ୍ୟ କରୁଛନ୍ତି। ନିର୍ମାଣ ଆଳରେ ରାସ୍ତା ପାଶ୍ୱର୍ରେ ରଡ୍ ବାହାର କରି ବିପଦଜନକ ଅବସ୍ଥାରେ ଛାଡି ଦିଆଯାଇଛି । ଫଳରେ ଏହି ରାସ୍ତାରେ ରାତିରେ ଯାତାୟତ କରିବା ସମୟରେ ପଥଚାରୀ ବାହାରିଥିବା ରଡ୍‌ରେ ଜାଣି ନ ପାରି ପଡିଯିବାର ଯଥେଷ୍ଟ ଆଶଙ୍କା ରହିଛି। ଖବରରୁ ପ୍ରକାଶ ଯେ, ଏହି କିଛି ଦିନ ହେବ ସାଲେପୁର-ଛତିଆ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଛି। ଏହି ରାସ୍ତାକୁ ଢ଼ଳେଇ ରାସ୍ତାରେ ପରିଣତ କରାଯାଉଛି। ଠିକାଦାର ଜଣକ ଏବେ ସାଲେପୁର ବଜାରର କୁଆଁପାଳ ଛକଠାରୁ ବୋଦାମୁଣ୍ଡାଇ ବଜାର ପର୍ଯ୍ୟନ୍ତ ସ୍ଥାନେ ସ୍ଥାନେ ଗୋଟିଏ ପାଶ୍ୱର୍ର ଢ଼ଳେଇ କାର୍ଯ୍ୟ କରୁଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଢଳେଇରେ ବ୍ୟବହୃତ ରଡ୍‌ଗୁଡିକ ବିପଦଜନକ ଅବସ୍ଥାରେ ରାସ୍ତା ପାଶ୍ୱର୍ରେ ଛାଡି ଦେଇଛନ୍ତି। ଯଦି ଅନ୍ୟ ପାଶ୍ୱର୍ରେ କୌଣସି ପଥଚାରୀ ଏହି ରାସ୍ତା ଦେଇ ଯାତାୟତ ସମୟରେ କୌଣସି କାରଣରୁ ରାସ୍ତା ପାଶ୍ୱର୍ରେ ପଡିଯାଆନ୍ତି, ତେବେ ନିଶ୍ଚିତ ମୃତ୍ୟୁମୁଖରେ ପଡିବେ ବୋଲି ଜଣାଯାଇଛି। ସେହିପରି ଠିକାଦାର ସଂସ୍ଥା ରାସ୍ତାରେ ପାଣି ନ ପକାଇବାରୁ ଅଧିକାଂଶ ସମୟରେ ରାସ୍ତାରେ ଧୂଳି ଉଡ଼ି ପଥଚାରୀଙ୍କ ଯାତାୟତରେ ବାଧା ସୃଷ୍ଟି କରୁଛି। ଠିକା ସଂସ୍ଥା ମନଇଚ୍ଛା ଏହି ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ବ୍ଲକ୍‌ସ୍ତରୀୟ ସାମାଜିକ ଜନଶୁଣାଣି ସମୀକ୍ଷା

**ବଡ଼ମ୍ବା,୨୯।୨(ସମିସ):** ବଡ଼ମ୍ବା ବ୍ଲକ କାର୍ଯ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟତଃ ଉକ୍ତ ସଭାରେ ୨୦୨୩/୨୦୨୪ର ଆର୍ଥିକ ବର୍ଷରେ ହୋଇଥିବା ମନରେଗା ଯୋଜନା ବାବଦକୁ ଖର୍ଚ୍ଚ ଏବଂ ବିଭିନ୍ନ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା । ୬୯୭.୫୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ମିଳିଛି ସେହିଭଳି ଏହି ଯୋଜନା ମାଧ୍ୟମରେ ସମସ୍ତ ପଞ୍ଚାୟତରେ ୧୯୦୧ ଟି ପ୍ରକଳ୍ପ ମଧ୍ୟରୁ ୬୧୭ଟି ସମ୍ପୂର୍ଣ୍ଣ ହୋଇଥିବା ସୂଚନା ମିଳିଛି। ଏହି ବୈଠକରେ ଖାଦ୍ୟ ସୁରକ୍ଷାକୁ ନେଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ଖାଦ୍ୟ ସୁରକ୍ଷା ଯୋଗାଣ ଅଧିକାରୀ ନ ଥିବା ଓ ଏକ ସ୍ଥାୟୀ ଯୋଗାଣ ଅଧିକାରୀ ନିଯୁକ୍ତି ପାଇଁ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଜିଲ୍ଲାପାଳ ଶ୍ରୀ ତରାଇ କହିଥିଲେ ଏ ଦିଗରେ ଦୃଷ୍ଟି ଦେବେ ଓ ତୁରନ୍ତ ପଦକ୍ଷେପ ସ୍ୱରୂପ ଉପଖଣ୍ଡସ୍ତରୀୟ ଯୋଗାଣ ଅଧିକାରୀଙ୍କୁ ସାମୟିକ ଭାବେ ବ୍ଲକରେ କିଛି ଦିନ ରହି କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମଟି ବିଡିଓ ରମେଶ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଠଗଡ଼ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ତହସିଲଦାର ଶ୍ୱାଶତ ରଞ୍ଜନ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ୩୦ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




### ଦଶମଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

# ଅଭିଯୋଗକୁ ଗୁରୁତ୍ୱ ଦେଉନି ଓଲଟପୁର ପୁଲିସ

**କଣ୍ଟାପଡା,୨୯।୨(ସମିସ):** ଓଲଟପୁର ଥାନା ଅଧୀନ ବଡଖାଲଗାଁ ଗ୍ରାମର ଜନୈକ ନାବାଳିକା ଅର୍ପିତା (ଛଦ୍ମନାମ) ନିକଟସ୍ଥ ବ୍ରାହ୍ମଣସାଇଲୋ ବାଳିକା ଉଚ୍ଚ ବିଦ୍ୟାଳୟରେ ପାଠ ପଢ଼ୁଥିବା ବେଳେ ବ୍ରାହ୍ମଣସାଇଲୋ ଉଚ୍ଚ ବିଦ୍ୟାଳୟରେ ଦଶମ ପରୀକ୍ଷା ଦେଉଥିଲେ। ତେବେ ସେହି ଗାଁର ୩ଜଣ ଯୁବକ ତାଙ୍କ ଘରେ ପଶି ଏକ ନିର୍ଦ୍ଦିଷ୍ଟ ପୁଅ ସହିତ ଅର୍ପିତାର ବାହାଘର କରିବାକୁ ଧମକ୍ ଚମକ୍ ଦେଇଥିଲେ। ଏଥିରେ ପରିବାର ଲୋକେ ରାଜି ନ ହେବାରୁ ଉକ୍ତ ଯୁବକମାନେ ଛାତ୍ରୀଙ୍କୁ ଅପହରଣ କରିନେଇଥିବା ଓଲଟପୁର ଥାନାରେ ଅଭିଯୋଗ କରିଛନ୍ତି ଛାତ୍ରୀଙ୍କ ମାଆ। ହେଲେ ଏଭଳି ସ୍ପର୍ଶକାତର ମାମଲାରେ ପୁଲିସ ସଠିକ ଭାବେ ତଦନ୍ତ କରୁ ନ ଥିବା ନେଇ ଛାତ୍ରୀଙ୍କ ମାଆ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ପରିବାର ଲୋକେ ଭୟଭୀତ ହୋଇପଡିଥିବା ବେଳେ ଅଭିଯୁକ୍ତମାନେ ଖୁଲମଖୁଲା ବୁଲୁଥିବା ଦେଖିବାକୁ ମିଳିଛି। ଘଟଣା ସମ୍ପର୍କରେ ଓଲଟପୁର ଥାନାର ଅଧିକାରୀ ପ୍ରିୟ ରଞ୍ଜନ ନାୟକ ନାବାଳିକା ବୋଲି ତଥ୍ୟ ଗଣମାଧ୍ୟମକୁ ଦିଆଯାଇ ପାରିବନି ବୋଲି କହିଛନ୍ତି।

# ପ୍ରାଣୀ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭ୍ରମଣ

**ବାଙ୍କୀ,୨୯।୨(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନର ଛାତ୍ରଛାତ୍ରୀମାନେ ଏକ ଶୈକ୍ଷିକ ଭ୍ରମଣରେ ଗଜପତି ଜିଲ୍ଲା ଖସଡା ଜଳପ୍ରପାତକୁ ଯାଇ ସେଠାରେ ଶୈବାଳ ଉପରେ ତଥ୍ୟ ସଂଗ୍ରହ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଓ କୁମୁଦ ରଞ୍ଜନ ମହାରଣା ଛାତ୍ରଛାତ୍ରୀମାନଙ୍କୁ ଶୈବାଳ ଓ ସେଠାରେ ଥିବା ଜୀବଜନ୍ତୁମାନଙ୍କର ଗତିବିଧି ଉପରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇବା ସହ ସେଠାରୁ ବିଭିନ୍ନ ଜଳଜୀବଜନ୍ତୁ ମାନଙ୍କର ଜୀବାଶ୍ମ ସଂଗ୍ରହ କରିଥିଲେ। ଏହା ଉପରେ ଏକ ଗବେଷଣା କରାଯିବ ବୋଲି ପ୍ରାଧ୍ୟାପକ ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି।



# ପ୍ରାଚୀ ପରିକ୍ରମା ପଦଯାତ୍ରା ଆରମ୍ଭ

**ନିଆଳି,୨୯।୨(ସମିସ):** ନଦୀ ପୁନଃଉଦ୍ଧାର ଦିଗରେ ନବଜାଗରଣ ଆଣିବା ପାଇଁ ଚଳିତବର୍ଷ ଗୁରୁବାର ନିଆଳି ବ୍ଲକ୍ ଅନ୍ତର୍ଗତ ଅଁଳୋ ପଞ୍ଚାୟତ ଶ୍ରୀ ଅନ୍ଧକପିଳେଶ୍ୱର ମନ୍ଦିରଠାରୁ ପ୍ରାଚୀ ପରିକ୍ରମା ପଦଯାତ୍ରାର ଆରମ୍ଭ ହୋଇଛି। ଏହି ପଦଯାତ୍ରା ଆସନ୍ତା ୬ ତାରିଖରେ ଉଦ୍‌ଯାପିତ ହେବ। ଗୁରୁବାର ଅପରାହ୍ଣରେ ପରମପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ଜୀ ମନ୍ଦିର ପରିସରରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସଂକଳ୍ପ କରି ନିକଟସ୍ଥ ପ୍ରାଚୀ ଘାଟରେ ପ୍ରାଚୀ ଆଳତୀ କରିବା ପରେ ଏହି ପଦଯାତ୍ରାର ଆରମ୍ଭ ହୋଇଥିଲା। ଏହି ପଦଯାତ୍ରାରେ ଶହ ଶହ ବିଦେଶୀଙ୍କ ସମେତ ବହୁ ସାଧୁ, ସନ୍ଥ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ପଦଯାତ୍ରୀ ଦଳକୁ ବିଭିନ୍ନ ସ୍ଥାନରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ସନ୍ଧ୍ୟାରେ ନୂଆଗାଁ ଛକଠାରେ ପହଞ୍ଚିବା ପରେ ନୂଆଗାଁ ରାଧାକାନ୍ତ ମଠର ମହନ୍ତ ଦିବ୍ୟକୃଷ୍ଣ ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଭାବେ ପଦଯାତ୍ରାକୁ ସ୍ୱାଗତ କରାଯାଇଥିଲା। ପଦଯାତ୍ରୀ ଦଳ ନୂଆଗାଁ ରାଧାକାନ୍ତ ମଠରେ ପହଞ୍ଚିବା ପରେ ସନ୍ଧ୍ୟାରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ସହ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଂକୀର୍ତ୍ତନ ଓ ପାଲା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ପରମପୂଜ୍ୟ ପରମହଂସ ପ୍ରଜ୍ଞାନାନ୍ଦ ମହାରାଜଙ୍କ ସହ ସ୍ୱାମୀ ସୁଧାନନ୍ଦ ଗିରି, ବାବାଜୀ ଦାମୋଦର ଦାସ, ନନ୍ଦ ବାବା, ଅଭିରାମ ବାବା, ସ୍ୱାମୀ ଚିନ୍ତାମଣୀ ପର୍ବତ, ମହନ୍ତ ରାମକୃଷ୍ଣ ଦାସ, ବାବାଜି ରାମ ଦାସ, ହଂସନାଥ ସାହୁ, ନ୍ୟାୟବ୍ରତ ରାଉତ, ବାବାଜି ସତ୍ୟାନନ୍ଦ ଦାସ, ଶ୍ରୀସନ୍ୟାସି ପ୍ରମୁଖ ଯୋଗଦେଇଥିଲେ।



# ତୁଳସୀପୁର ବଜାରରେ ସଫେଇ କାର୍ଯ୍ୟକ୍ରମ

**ବାଙ୍କୀ,୨୯।୨(ସମିସ):** ଡମପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ବଜାର ପରିସରକୁ ଆଜି ବଜାର କମିଟି ସଭ୍ୟମାନେ ଗଦା ହୋଇଥିବା ଅଳିଆ ଆବର୍ଜନାକୁ ସଫା କରିଥିଲେ। ବଜାର କମିଟି ସଭାପତି ପ୍ରତାପ କୁମାର ସାହୁଙ୍କ ନେତୃତ୍ୱରେ ପ୍ରକୃତିବନ୍ଧୁ ପ୍ରସନ୍ନ କୁମାର ସାହୁ, ରବିନ୍ଦ୍ର ନାଥ ଦାନ, ନାରାୟଣ ଜେନା, ଧୋବା ମଲ୍ଲିକ, ଚନ୍ଦନ ସାହୁ, ରାଜକିଶୋର ରାଉତ, ବାଇଧର ସ୍ୱାଇଁ, ନିବାସ ସାହୁ, ନବଘନ ସାହୁ, ମାୟାଧର ତ୍ରିପାଠୀ , ହଜାରୀ ବେହେରା ପ୍ରମୁଖ ଏଥିରେ ସହାୟତା କରିଥିଲେ। ବହୁଦିନ ଧରି ପଡିଥିବା ଅଳିଆ ଆବର୍ଜନାକୁ ସଫା କରି ଗାତଖୋଳି ପୋତି ଦିଆଯାଇଛି।



# ମହିଳାଙ୍କୁ ଯୌତୁକ ନିର୍ଯାତନା; ଥାନାରେ ଅଭିଯୋଗ

**ସାଲେପୁର,୨୯ ।୨(ସମିସ):** ଶଶୁର ଘରେ ଦୀର୍ଘ ୧୦ବର୍ଷ ଧରି ରହି ମଧ୍ୟ ନିଜ ପତ୍ନୀକୁ ଅଧିକ ଯୌତୁକ ଦାବି କରି ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିବା ସ୍ୱାମୀଙ୍କ ବିରୋଧରେ ଶେଷରେ ସ୍ତ୍ରୀ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ ଲୁଣାହାର ଗ୍ରାମର ଲକ୍ଷ୍ମୀପ୍ରିୟା ଭୋଇ ୨୦୧୨ମସିହାରେ ଢ଼େଙ୍କାନାଳ ଜିଲ୍ଲା ଭୂବନ ଅଞ୍ଚଳର ଗଙ୍ଗାଧର ଭୋଇକୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ବର୍ଷ ନ ପୁରୁଣୁ ଉଭୟ ସ୍ୱାମୀ ସ୍ତ୍ରୀ କୌଣସି କାରଣରୁ ପ୍ରାୟ ୧୦ବର୍ଷ ହେବ ନିଜ ଶ୍ୱଶୁର ଘରେ ରହି ଆସୁଥିଲେ। କିନ୍ତୁ ଗଙ୍ଗାଧର ଶ୍ୱଶୁର ଘରେ ରହି ମଧ୍ୟ ନିଜ ପତ୍ନୀ ଲକ୍ଷ୍ମୀପ୍ରିୟାକୁ ବିଭିନ୍ନ ସମୟରେ ଅଧିକ ଯୌତୁକ ଦାବି କରି ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଶେଷରେ ଲକ୍ଷ୍ମୀପ୍ରିୟା ସ୍ୱାମୀର ନିର୍ଯାତନା ସହି ନ ପାରି ବାଧ୍ୟ ହୋଇ ସାଲେପୁର ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି।

# ବୃଦ୍ଧାଙ୍କ ନିକଟରୁ ସୁନା ଚେନ୍ ଲୁଟ୍

**ସାଲେପୁର,୨୯ ।୨(ସମିସ):** ପୁଅ-ବୋହୂ ଘରେ ନ ଥିବାବେଳେ ସ୍ପଷ୍ଟ ଦିବାଲୋକରେ ପାଣି ପିଇବା ଆଳ ଦେଖାଇ ଜଣେ ବୃଦ୍ଧାଙ୍କ ବେକରୁ ସୁନା ଚେନ୍ ଛଡାଇ ନେଇ ଜଣେ ଦୁର୍ବୃତ୍ତ ଚମ୍ପଟ ମାରିଥିବା ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ଅରବିନ୍ଦ ରୋଡ୍ ବେଲ ପୋଖରୀ ନିକଟରେ ଘର କରି ରହିଥିବା ପୁଅବୋହୂ ଚାକିରୀକୁ ଗଲାପରେ ଶାନ୍ତିଲତା ରାମ ନାମକ ଜଣେ ବୃଦ୍ଧା ଆଜି ସକାଳ ୧୧.୩୦ମି ସମୟରେ ଘରେ ଏକାକୀ ଥିବା ସମୟରେ ଜଣେ ଦୁର୍ବୃତ୍ତ ତାଙ୍କ ଘରେ ପହଞ୍ଚି କବାଟ ବାଡେଇଥିଲେ। ବୃଦ୍ଧା ଜଣକ କବାଟ ଖୋଲିବାରୁ ସଂପୃକ୍ତ ଦୁର୍ବୃର୍ତ୍ତ ବୃଦ୍ଧା ଶାନ୍ତିଲତାଙ୍କୁ ପାଣି ପିଇବାକୁ ମାଗିଥିଲେ। ବୃଦ୍ଧା ଜଣକ ଘର ଭିତରୁ ପାଣି ଆଣି ସଂପୃକ୍ତ ଦୁର୍ବୃତ୍ତକୁ ଦେବା ସମୟରେ ହଠାତ୍ ଦୁର୍ବୃତ୍ତ ଜଣକ ଶାନ୍ତିଲତା ପିନ୍ଧିଥିବା ପ୍ରାୟ ୨୦ଗ୍ରାମ ଓଜନର ସୁନା ଚେନ୍‌କୁ ଝାମ୍ପିନେବା ସହ ଘରର ବାହାରପଟୁ କବାଟ ବନ୍ଦ କରି ଚମ୍ପଟ ମାରିଥିଲା। ବୃଦ୍ଧାଜଣକ ପଛ ଦ୍ୱାର ଖୋଲି ଆସିଲାବେଳକୁ ଦୁର୍ବୃତ୍ତଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏନେଇ ବୃଦ୍ଧାଜଣକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ଡା. କମଳାକାନ୍ତ କରଙ୍କ ବିୟୋଗରେ ଶୋକସଭା

**ମାହାଙ୍ଗା,୨୯।୨(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ଶ୍ରୀ ଗଣେଶ ପୂଜା କମିଟି ପକ୍ଷରୁ ବ୍ରାହ୍ମଣ ସାହି ଗଣେଶ ମନ୍ଦିର ପ୍ରାଙ୍ଗଣରେ ଗାଁର ସୁନାମଧନ୍ୟ ବ୍ୟକ୍ତି ସ୍ୱର୍ଗତ ଡା. କମଳାକାନ୍ତ କରଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ କୁମାର କରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥିଭାବେ ଶିକ୍ଷାବିତ୍ ବିନୋଦ ବିହାରୀ ମିଶ୍ର, ସୌମେନ୍ଦ୍ର କର, ଇତିକାନ୍ତ କର, ଶ୍ୟାମସୁନ୍ଦର କର, ବିଶ୍ୱପ୍ରକାଶ ଦାଶ, ପ୍ରିୟବ୍ରତ କର, ଦେବୀପ୍ରସାଦ ଷଡଙ୍ଗୀ, ପ୍ରଶାନ୍ତ କୁମାର କର, ସୌମ୍ୟ ରଞ୍ଜନ କର, ପୁଷ୍ପଲତା ମିଶ୍ର, ପ୍ରବିଣା ଦାଶ, ସତ୍ୟଭାମା କର, ନଳିନୀ ଦାଶ ପ୍ରମୁଖ ଯୋଗଦେଇ ସ୍ୱର୍ଗତ କରଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋଚନା କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ବିଜୁ ପଟ୍ଟନାୟକଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ ଦାବି

**ସାଲେପୁର,୨୯ ।୨(ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ କରିବା ନେଇ ଏକ ଦାବି ପତ୍ର ଆଜି ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଟାଙ୍ଗୀ-ସାଲେପୁର ବିକାଶମଞ୍ଚର ଅଧ୍ୟକ୍ଷ ବିଶେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ବହୁ ସଂଗଠନର କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବାହାରି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ସମ୍ମାନ ପ୍ରଦାନ କରାଯିବା ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସାଲେପୁର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଣେଶ୍ୱର ସ୍ୱାଇଁ, ରତ୍ନାକର ନାୟକ, ବିଜୟ ବାରିକ, ନିରଞ୍ଜନ ସ୍ୱାଇଁ, ସନ୍ତୋଷ ଦାସ, ଲକ୍ଷ୍ମୀଧର ସ୍ୱାଇଁ, ଦୀପକ ଜେନା, କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



# ୧୦୬୮ ଏସଏଚଜିଙ୍କୁ ସୁଧ ଛାଡ଼

**ମାହାଙ୍ଗା,୨୯।୨(ସମିସ):** ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତର ଶୁଭାରମ୍ଭ କରିଛନ୍ତି। ସିଡିପିଓ ପ୍ରମୋଦିନୀ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଳିକ, ସମ୍ମାନୀତ ଅତିଥିଭାବେ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ବିଡିଓ ଅମୀୟ କୁମାର ପଣ୍ଡା, ଏବିଡିଓ ଜ୍ଞାନରଞ୍ଜନ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ମହିଳା ଫେଡେରେସନ ସଂପାଦିକା ମମତା ରାଉତ, ବିପିସି ସୁଜାତା ମହାନନ୍ଦିଆ ପ୍ରମୁଖ ଯୋଗଦେଇ ୧୦୬୮ ଏସଏଚଜିଙ୍କୁ ସୁଧ ଛାଡ କରାଯିବା ସହ ସମସ୍ତ ସଦସ୍ୟାମାନଙ୍କୁ ୟୁନିଫର୍ମ ପାଇର୍ ଟଙ୍କା ମିଳିବ ବୋଲି କହିଥିଲେ। ଏହି ଅବସରରେ ୧୦୬୮ ଏସଏଚଜିକୁ ୬୯ ଲକ୍ଷ ୫୫ ହଜାର ୮୪୧ ଟଙ୍କା ସୁଧ ଛାଡ ଚେକ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଜାଲିନ ଦାସ, ତପନ ବେହେରା, ସୁଶାନ୍ତ ରାଉତଙ୍କ ସମେତ ବହୁ ମିଶନ ଶକ୍ତି ମହିଳା ଉପସ୍ଥିତ ଥିଲେ।




# ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ନିଶ୍ଚିନ୍ତକୋଇଲି,୨୯।୨(ସମିସ):** ଭାରତ ସରକାରଙ୍କ ନେହେରୁ ଯୁବକେନ୍ଦ୍ର କଟକ ଆନୁକୂଲ୍ୟରେ ପରିବାର ଅନୁଷ୍ଠାନ ଆୟୋଜନରେ ଯୁବ କ୍ରୀଡ଼ାବିତ୍‌ଙ୍କୁ ନେଇ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ନତକାଇ ପଞ୍ଚାୟତ ସ୍ଥିତ ଶକ୍ତିଶ୍ୱର ନିକଟ ଖେଳପଡ଼ିଆରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ମାହାଙ୍ଗା, ସାଲେପୁର ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ୭୦ଜଣରୁ ଅଧିକ କ୍ରୀଡ଼ାବିତ୍ କବାଡ଼ି, ଖୋ ଖୋ, ଲମ୍ବଡ଼ିଆଁ, ଦୌଡ଼ରେ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପରିବାରର ସଭାପତି ବଲ୍ଲଭ ଚରଣ ପଲେଇଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପୁରସ୍କାର ପ୍ରାକ୍ତନ ପ୍ରଧାନଶିକ୍ଷକ ଶାରଦାପ୍ରସାଦ ମିଶ୍ର, ସମ୍ମାନୀତ ଅତିଥି ଭାବେ ଯୁବ ସ୍ୱେଚ୍ଛାସେବୀ ପ୍ରତାପ ରାଉତ ପ୍ରମୁଖ ଯୋଗଦେଇ କୃତି କ୍ରୀଡ଼ାବିତଙ୍କୁ ପୁରସ୍କୃତ କରିଥିଲେ। ପରିବାରର ସମ୍ପାଦକ ପ୍ରମୋଦ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ସୁଧାଂଶୁ ବେଜ ଓ ଜ୍ଞାନରଞ୍ଜନ ସ୍ୱାଇଁ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିବା ବେଳେ ବିଷ୍ଣୁଚରଣ ବେହେରା, ଜୟରାମ ବେହେରା, ମନୋଜ ବେହେରା ପରିଚାଳନାରେ ସହଯୋଗ କରିଥିଲେ। ସ୍ୱେଚ୍ଛାସେବୀ କବି ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ବିଭିନ୍ନ ସ୍ଥାନରେ 'ଆମ ବ୍ୟାଙ୍କ'ର ଶୁଭ ଉଦ୍‌ଘାଟନ









**ଫୁଲନଖରା,୨୯।୨(ସମିସ)**

ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗପ୍ରଧାନ ଗ୍ରାମପଞ୍ଚାୟତରେ ସିଏସ୍‌ପି ପ୍ଲସ୍ 'ଆମ ବ୍ୟାଙ୍କ'ର ଶୁଭ ଉଦଘାଟନ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତି ଗ୍ରାମପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସେବା ପାଇଁ ଏକ ଯୁଗାନ୍ତକାରୀ ଓ ଐତିହାସିକ ପଦକ୍ଷେପ ସ୍ୱରୂପ ଦ୍ୱିତୀୟ ପର୍ଯ୍ୟାୟରେ ୨ ହଜାର ଆମ ବ୍ୟାଙ୍କର ଶାଖାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ବ୍ୟାଙ୍କ ମାଧ୍ୟମରେ ୧୫ଟି ବ୍ୟାଙ୍କିଙ୍ଗ୍ ସେବାକୁ ଜନସାଧାରଣ ନିଜ ପଞ୍ଚାୟତରେ ସୁବିଧାରେ ପାଇପାରିବେ। ବିଶେଷ କରି ବୃଦ୍ଧ, ଗର୍ଭବତୀ ମହିଳା ଏବଂ ଭିନ୍ନକ୍ଷମ ଲୋକଙ୍କ ପାଇଁ ଏହି ବ୍ୟାଙ୍କ ଡୋରଷ୍ଟେପ୍ ସେବା ଯୋଗାଇଦେବାରେ ସଫଳ ହୋଇପାରିବ। କୁରାଙ୍ଗପ୍ରଧାନ ଗ୍ରାମପଞ୍ଚାୟତରେ ମୋ ବ୍ୟାଙ୍କ ଫୁଲନଖରା ଶାଖା ଉଦଘାଟନ ଉତ୍ସବରେ ବାରଙ୍ଗ ବ୍ଲକ ବିଡିଓ ବିଶ୍ୱରଞ୍ଜନ ବିଶ୍ୱାସ, ବ୍ଲକ କନିଷ୍ଠ ଯନ୍ତ୍ରୀ ଜୟଶ୍ରୀ ରାଉତ, ସହକାରୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ର, ସ୍ଥାନୀୟ ସରପଞ୍ଚ ସୁରେଶ ଚନ୍ଦ୍ର ଭୋଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜଲକ୍ଷ୍ମୀ ଭୂୟାଁ, ଜିଆରଏସ୍ ଚନ୍ଦ୍ରକାନ୍ତ ସାହୁ ଓ ସମାଜସେବୀ ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତର ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ଯୁବଗୋଷ୍ଠୀ ଯୋଗଦେଇଥିଲେ।

**ତିଗିରିଆ:** ରାଜ୍ୟ ସରକାରଙ୍କର ପ୍ରତି ପଞ୍ଚାୟତରେ ବ୍ୟାଙ୍କ ତଥା ଆମ ବ୍ୟାଙ୍କ ଯୋଜନା ଅନୁଯାୟୀ ତିଗିରିଆ ବ୍ଲକ ଅନ୍ତର୍ଗତ ପୁରୁଣା ତିଗିରିଆ ପଞ୍ଚାୟତ ପରିସରରେ ଗୁରୁବାର ପଞ୍ଜାବ ନ୍ୟାସନ୍ୟାଲ ବ୍ୟାଙ୍କର ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ଏହି ବ୍ୟାଙ୍କକୁ ସର୍ବସାଧାରଣଙ୍କ ପାଇଁ ଲୋକାର୍ପିତ କରିବା ପରେ ତିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଶାଖା କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ପୁରୁଣା ତିଗିରିଆ ପଞ୍ଚାୟତ ସରପଞ୍ଚ ପ୍ରତାପ କୁମାର ଜେନାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରୂପେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସନାତନ ସ୍ୱାଇଁ, ଇତିଶ୍ରୀ ପଣ୍ଡା, ଗ୍ରାମ୍ୟ କମିଟି ସଭାପତି ଘନଶ୍ୟାମ ଜେନା, ଅଧ୍ୟାପକ ଡ. ମନୋରଞ୍ଜନ ମହାନ୍ତି, ବସନ୍ତ ସ୍ୱାଇଁ, ଇଂ ରାଜେଶ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଏହି ଶାଖା କାର୍ଯ୍ୟାଳୟ ପାଇଁ ଦିନେଶ ରାଉତ ଓ ମାମାଲି ସ୍ୱାଇଁ ନିଯୁକ୍ତି ପାଇଥିବା ବେଳେ ଏହି ବ୍ୟାଙ୍କ ଉଦ୍‌ଘାଟିତ ହେବା ପରେ ଅଞ୍ଚଳବାସୀ ବିଶେଷ ଭାବେ ଉପକୃତ ହେବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

**ନିଶ୍ଚିନ୍ତକୋଇଲି:** ସାରା ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଆମ ବ୍ୟାଙ୍କ ସେବା ଲୋକାର୍ପିତ ହୋଇଥିବା ବେଳେ ବୁହାଳ ପଞ୍ଚାୟତରେ ସରପଞ୍ଚ ରମାକାନ୍ତ ମହାନ୍ତି ଉକ୍ତ ସେବା କାର୍ଯ୍ୟାଳୟକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଉଦଘାଟନ ଉତ୍ସବରେ ଆମ ବ୍ୟାଙ୍କ ବିସି ଲକ୍ଷ୍ମୀପ୍ରିୟା ସାହୁଙ୍କ ସଂଯୋଜନାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ସିଂ, ଜିଆରଏସ ରଞ୍ଜନ ପଣ୍ଡା, ପୂର୍ବତନ ସରପଞ୍ଚ ସାଧୁଚରଣ ସେଠୀ, ପ୍ରାକ୍ତନ ସରପଞ୍ଚ ମାୟାଧର ପରିଡ଼ା, ଯୁବନେତା ଗଗନବିହାରୀ ବରାଳ, ସ୍ୱର୍ଣ୍ଣଲତା ମହାନ୍ତି ପ୍ରମୁଖ ଯୋଗଦେଇ ଉପସ୍ଥିତ ଲୋକଙ୍କୁ ଆମ ବ୍ୟାଙ୍କ ସେବା କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରିଥିଲେ। ଏଥିରେ ପ୍ରତ୍ୟେକ ଲୋକେ ବ୍ୟାଙ୍କ ସଂକ୍ରାନ୍ତୀୟ ବିଭିନ୍ନ ସେବା ଏହି କାର୍ଯ୍ୟାଳୟରୁ ପାଇପାରିବେ ବୋଲି ସରପଞ୍ଚ ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ।

